ଧରିତ୍ରୀ
DHARITRI
April 7-13, 2019 ₹ 2/-


# ଛୁଟିଦିନ



## ଘର ଚଟିଆ
### ସୁରକ୍ଷା ଚିନ୍ତା

୩
ପ୍ରଚ୍ଛଦ ପ୍ରସଙ୍ଗ

ସକାଳ ହେଲେ ଏମାନଙ୍କ କିଚିରି ମିଚିରି ଶବ୍ଦ, ଗାଁ ଦାଣ୍ଡରେ ଡେଇଁଡ଼େଇଁ ଦାନା ଖୋଜୁଥିବାର ଦୃଶ୍ୟ କାହାକୁ ବା ଭଲ ନ ଲାଗେ। ଏମାନେ ହେଲେ ଘରଚଟିଆ, ଯାହାଙ୍କୁ ଦେଖିବା ଏବେ ବିରଳ। କିନ୍ତୁ ଏମାନଙ୍କ ପାଇଁ ଘର ସଜାଡ଼ି ଅଗଣା ଭିତରକୁ ଫେରାଇ ଆଣିବାର ପ୍ରୟାସ କରୁଛନ୍ତି କେତେଜଣ ସହୃଦୟ ମଣିଷ...



୧୩
ସହରଠୁ ଦୂର



୮/୯
ସିନେମା

# କାର୍ଯ୍ୟଜନିତ ଚାପ ଦୂରେଇବା ଲାଗି



* ଅଫିସ୍‌ର ମାହୋଲ ସହ ନିଜକୁ ଖାପ ଖୁଆଇବାକୁ ଚେଷ୍ଟା କରନ୍ତୁ।
* କାମର ଚାପ ଯଦି ଅଧିକ ଥାଏ ତେବେ କିଛି ସମୟ ଶାନ୍ତିରେ ବସି ଦୀର୍ଘ ନିଃଶ୍ୱାସ ନିଅନ୍ତୁ। ଏହାଦ୍ୱାରା ନର୍ଭ ଆକ୍ଟିଭେଟ ହେବା ସହ ଆପଣ କିଛିଟା ରିଲାକ୍ସ ଅନୁଭବ କରିବେ।
* ମନରୁ ଈର୍ଷା, ରାଗ, ପ୍ରତିଶୋଧ ଭାବନା ଦୂରେଇ ଦିଅନ୍ତୁ। ଏଥିସକାଶେ ଧ୍ୟାନ ଏବଂ ଯୋଗର ସହାୟତା ନେଇପାରିବେ।
* କାମର ଚାପ ଆପଣଙ୍କ କ୍ଷମତାଠାରୁ ଅଧିକ ହେଉଥିଲେ ଏ ସମ୍ପର୍କରେ ଉପରିସ୍ଥ କର୍ମଚାରୀଙ୍କ ସହ ଆଲୋଚନା କରନ୍ତୁ।
* କାମର ଚାପ ଯଦି ଆପଣଙ୍କ ବ୍ୟକ୍ତିଗତ ଜୀବନରେ ପ୍ରତିବନ୍ଧକ ସାଜୁଥିବାର ଅନୁଭବ କରୁଛନ୍ତି ତେବେ କିଛି ଦିନ ଅଫିସ୍‌ରୁ ଛୁଟି ନେଇ କିଛି ଏଭଳି କାମରେ ନିଜକୁ ନିୟୋଜିତ କରନ୍ତୁ ଯାହା ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବା ସହ ଆପଣଙ୍କ ଭିତରେ ନୂତନ ଉର୍ଜା ଜାଗ୍ରତ କରିବ।
* ଚାପଗ୍ରସ୍ତ ଥିବା ସମୟରେ ସକାରାତ୍ମକ ଦୃଷ୍ଟିକୋଣ ରଖୁଥିବା ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କରନ୍ତୁ।
* ଖାଦ୍ୟପେୟ ତଥା ନିଦ୍ରାର ପର୍ଯ୍ୟାପ୍ତ ଯତ୍ନ ନିଅନ୍ତୁ। ଏହି ସମୟରେ ପ୍ରେରଣା ଦାୟକ ବହି ପଢ଼ିବା ଦ୍ୱାରା ମଧ୍ୟ ଲାଭ ମିଳିଥାଏ।
* ଫୁରସତ୍ ସମୟକୁ ମନଭରି ଉପଭୋଗ କରନ୍ତୁ। ପରିବାର ସଦସ୍ୟ ତଥା ସାଙ୍ଗସାଥିଙ୍କ ସହ ସମୟ ବିତାଇବା ସହିତ ନିଜର ମଧ୍ୟ ଧ୍ୟାନ ରଖନ୍ତୁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର | ଏପ୍ରିଲ ୭-୧୩

**ମେଷ:** ଉଚ୍ଚସ୍ଥ ଚନ୍ଦ୍ର ଯୋଗରୁ ଅର୍ଥ ଲାଭ। ସଭାକୁ ନିମନ୍ତ୍ରଣ। କୃତିତ୍ୱରୁ ସମ୍ମାନ। ଧର୍ମକାର୍ଯ୍ୟରେ ବିଘ୍ନ। ସହକର୍ମୀଙ୍କ ସହାୟତା । ଶତ୍ରୁତାର ଅବସାନ । ଦୂରଯାତ୍ରା କରିପାରନ୍ତି। ବିବାଦର ଆଶଙ୍କା। ସାମ୍ବାଦିକତାରେ ଉନ୍ନତି। ସାମାଜିକ ପ୍ରଂଶସା।

**ବୃଷ:** ଶନିକ୍ଷେତ୍ରରେ ବୁଧ ଯୋଗରୁ ଫାଇଲ୍ କାମରେ ଦ୍ୱନ୍ଦ୍ୱ, ଆନୁଷ୍ଠାନିକ ସମସ୍ୟା। ଘରକଥା ବୁଝିପାରିବେନି, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ଲକ୍ଷ୍ୟ ହାସଲରୁ ଆନନ୍ଦ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ଯାତ୍ରାରେ ସଫଳତା।

**ମିଥୁନ:** ରାହୁ ଯୋଗୁ ଭୁଲ୍ ବୁଝାମଣା, ବ୍ୟବସାୟରେ ଝଗଡ଼ା। ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା, ଧର୍ମଚର୍ଚ୍ଚା ପ୍ରତି ମନ। ପଡ଼ୋଶୀଙ୍କ ପ୍ରତାରଣା, ଦୃଢ଼ ନିଷ୍ପତ୍ତି ନେବେ, ନୂତନ ବନ୍ଧୁ ପ୍ରସ୍ତାବ ଆସିବ। ଶାରୀରିକ ସୁସ୍ଥତା ଫେରିପାଇବେ।

**କର୍କଟ:** ରବିଙ୍କ ପ୍ରଭାବରେ ଉଚ୍ଚ ପଦବୀପ୍ରାପ୍ତି, କର୍ମକ୍ଷେତ୍ରରେ ସମ୍ମାନ, ଶୁକ୍ର ଯୋଗୁ ପାରିବାରିକ ସମସ୍ୟା, ଦ୍ରବ୍ୟ ନଷ୍ଟର ଆଶଙ୍କା, ଶାରୀରିକ ଅସୁସ୍ଥି। ସାହିତ୍ୟକୃତିରୁ ସମ୍ବର୍ଦ୍ଧନା, ଧର୍ମଚର୍ଚ୍ଚାରେ ମନ, ଯାତ୍ରାରେ ଲକ୍ଷ୍ୟ ପୂରଣ।

**ସିଂହ:** ଉଚ୍ଚବର୍ଗରେ କଳହ, ରାହୁ ଦୃଷ୍ଟିରୁ ଭୁଲ୍ ନିଷ୍ପତ୍ତି, ସହକର୍ମୀଙ୍କ ସହ ତିକ୍ତତା, ବନ୍ଧୁ ସାହାଯ୍ୟ କରିବେ, ଅତିଥି ଚର୍ଚ୍ଚାରୁ ଆନନ୍ଦ, କଳାକ୍ରୀଡ଼ାରୁ ପ୍ରଶଂସା, ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତି।

**କନ୍ୟା:** ଏକାଧିକ ଗ୍ରହ ଯୋଗୁ ପାରିବାରିକ ଦ୍ୱନ୍ଦ୍ୱ, ଅହେତୁକ ଚିନ୍ତା। କାର୍ଯ୍ୟହାନି, ବନ୍ଧୁଙ୍କ ସନ୍ଦେହ, କାମଟି ପୂର୍ଣ୍ଣାଙ୍ଗ ହେବ, ବ୍ୟୟ ବୃଦ୍ଧି ଘଟିପାରେ, ବାଣିଜ୍ୟରେ ଉନ୍ନତି, ଜମିଜମା ଖରିଦ, ଯାନବାହନ ଲାଭ, ଶତ୍ରୁତାର ସମାଧାନ, ଧର୍ମକାର୍ଯ୍ୟର ଯୋଜନା, ମିତ୍ରବନ୍ଧୁଙ୍କ ସହଯୋଗ।

**ତୁଳା:** ଚନ୍ଦ୍ର ପ୍ରଭାବରେ ମନ ଖୁସି ରହିବ, ଅର୍ଥ ସଂକଟ ଦୂରହେବ, ବନ୍ଧୁମିଳନର ସୁଯୋଗ, ବନ୍ଧୁଙ୍କ ଅନୁରକ୍ତି, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାକଷ୍ଟ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ନୂଆ କାମ ହାତକୁ ନେବେ, ବିଦେଶଯାତ୍ରାର ଚିନ୍ତା, ପାରିବାରିକ ମତାନ୍ତର।

**ବିଛା:** ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ଶୁକ୍ର ହେତୁ ସଙ୍ଗୀତରେ ଅଭିରୁଚି, ବିଳାସପ୍ରିୟ ହେବେ, କାର୍ଯ୍ୟସିଦ୍ଧିରୁ ଶାନ୍ତି, ପ୍ରିୟବନ୍ଧୁଙ୍କୁ ମିଶିବେ, ରାଜନୀତିରେ ଝଗଡ଼ା, ବ୍ୟବସାୟରୁ ସନ୍ତୋଷ, ଯାତ୍ରା ସଫଳ, ଲକ୍ଷ୍ୟ ହାସଲ କରିବେ, ଶୁଭଖବର ପାଇବେ।

**ଧନୁ:** ପଡ଼ୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ସନ୍ତାନ ଯୋଗୁ ଗୌରବ, ଆରୋଗ୍ୟ ଲାଭରୁ ଆତ୍ମତୃପ୍ତି, ନିର୍ମାଣାଧୀନ କାର୍ଯ୍ୟରେ ସମସ୍ୟା, ପରିବହନରେ ଝଗଡ଼ା, ବୁଝାମଣାରୁ ଶାନ୍ତି, ନୂତନ ସମ୍ପର୍କ ସୃଷ୍ଟି।

**ମକର:** ମାନସିକ ପ୍ରଫୁଲ୍ଲତା, ରାହୁ ଯୋଗୁ ଶତ୍ରୁହାନି, ଦୂରଯାତ୍ରା କରିବେ, ଖର୍ଚ୍ଚଭାର ବଢ଼ିବ, ଠକାମିରେ ପଡ଼ିପାରନ୍ତି, ପାରିବାରିକ ଶାନ୍ତି। ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କୁମ୍ଭ:** ଅବହେଳାରୁ କାର୍ଯ୍ୟହାନି, କଡ଼ାକଥାରୁ କଳହ, କର୍ମକ୍ଷେତ୍ରରେ ଟଣାଓଟରା, ସଂଗଠନରେ ସାଫଲ୍ୟ, ଲେଖାପଢ଼ାରେ ଉନ୍ନତି, ଋଣ ପରିଶୋଧର ଚିନ୍ତା, ସ୍ତ୍ରୀସମ୍ପର୍କରୁ ଅପନିନ୍ଦା, ଭୁଲ୍ ଖବର ପାଇବେ, ଭ୍ରମଣ ହେତୁକ କ୍ଲାନ୍ତି।

**ମୀନ:** ଯାତ୍ରାରେ ଲକ୍ଷ୍ୟପୂରଣ, ଆମୋଦପ୍ରମୋଦର ମଉକା ଜୁଟିବ, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟସ୍ୱଜନଙ୍କ ସମାଲୋଚନା, ଇଚ୍ଛା ବିରୋଧରେ କାମ, ଅନୁତାପ କରିପାରନ୍ତି, ସମ୍ପର୍କ ଯୋଡ଼ି ହୋଇଯିବ, ରାଜନୈତିକ ଚାପ ବଢ଼ିବ, ବାଣିଜ୍ୟ ବ୍ୟବସାୟରେ ଉନ୍ନତି।

# ପ୍ଲେଟିଙ୍ଗ୍ ଦେଲା ଲୋକପ୍ରିୟତା

**ଖା**ଇବାର ଇଚ୍ଛା ଦ୍ୱିଗୁଣିତ ହୋଇଯାଏ ଯଦି ଖାଦ୍ୟଟି ଭଲ ଭାବେ ପରଷା ଯାଇଥାଏ। ସେଥିପାଇଁ ତ ବଡ଼ ବଡ଼ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଖାଦ୍ୟର ସ୍ୱାଦ ସହ ପ୍ଲେଟିଙ୍ଗ ଏବଂ ଗାର୍ନିଂସିଙ୍ଗ ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଥାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଖାଦ୍ୟ ସଜାଇବା କଳା ବା ପ୍ଲେଟିଙ୍ଗ ପାଇଁ ମିକ୍ୟୁ ନାମକ ଜଣେ ବ୍ୟକ୍ତି ରାତାରାତି ପାଲଟିଯାଇଛନ୍ତି ଇନ୍‌ଷ୍ଟାଗ୍ରାମ





ସେନ୍‌ସେଶନ୍ । ନିଜ ପୁଅର ରୋଷେଇ ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ମିକ୍ୟୁ ଫୁଡ୍ ପ୍ଲେଟିଙ୍ଗ୍‌କୁ ନେଇ ଅନେକ ଏକ୍ସପେରିମେଣ୍ଟ କରିବା ଆରମ୍ଭ କରିଥିଲେ। ମାଛକୁ ନେଇ ପ୍ରସ୍ତୁତ ହେଉଥିବା 'ସେଶିମି' ନାମକ ଏକ ଡିସ୍‌କୁ ପ୍ରସ୍ତୁତ କରିବାକୁ ଯାଇ ସେ ନିଜ ପୁଅକୁ ମାଛ ସ୍ଲାଇସ୍ କରି ତାକୁ ପ୍ଲେଟିଙ୍ଗ କରିବା ଶୈଳୀ ଶିଖାଇଥିଲେ। ସେବେଠାରୁ ସେ ଏହି ଫୁଡ୍ ଆର୍ଟ ପ୍ରତି ବିଶେଷ ଭାବେ ଆକର୍ଷିତ ହୋଇଥିଲେ ଏବଂ ପ୍ରତିଥର କିଛି ନୂଆ କରିବା ଲକ୍ଷ୍ୟ ନେଇ ନିଜ ସୃଜନଶୀଳତାକୁ ଉପଯୋଗ କରିଥିଲେ। ତେବେ ଫୁଡଆର୍ଟରେ କୌଣସି ସ୍ୱତନ୍ତ୍ର ତାଲିମ ନେଇ ନ ଥିବା ମିକ୍ୟୁ ନିଜର ଏହି ପ୍ଲେଟିଙ୍ଗ୍ ଡିଜାଇନ୍ ଫଟୋକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିବା ପରେ ସେ ଅନେକ ଲୋକପ୍ରିୟତା ହାସଲ କରିବା ସହ ତାଙ୍କ ଫଲୋୟର୍ସ ସଂଖ୍ୟା ମଧ୍ୟ ବଢ଼ିଯାଇଥିଲା।

# ପାଠକୀୟ

★ସମୟ ସହ ବଦଳିଯାଇଛି ଶିକ୍ଷାର ଉଦ୍ଦେଶ୍ୟ। ସହଜ ସଫଳତା ପାଇଁ କିଛି ଛାତ୍ର ଏକ୍‌ଜାମ୍ ଚିଟିଂର ସାହାରା ନେଉଛନ୍ତି; ଯାହା କେବଳ ବିଦ୍ୟାର୍ଥୀଙ୍କୁ ନୁହେଁ, ଶିକ୍ଷିତ ସମାଜକୁ ବି ଏକ ଭୟଙ୍କର ଦିଗ ଆଡ଼କୁ ଟାଣିନେଉଛି। ତେଣୁ ଏଭଳି ଏକ ସମୟୋପଯୋଗୀ ଆଲେଖ୍ୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଚିଟିଂ ଏକ୍‌ଜାମ୍ ନୋ ପାପା' ଅତି ଉଚ୍ଚକୋଟୀର ହୋଇଥିଲା। 'ମାନସିକ ଚାପ ଦୂରେଇବା ଲାଗି' ପାଠରୁ ଅନେକ କିଛି ଶିକ୍ଷଣୀୟ କଥା ଜାଣିବାକୁ ମିଳିଲା।

*-ମୋହିନୀ ଶର୍ମା, ରେଲୱେ କଲୋନୀ, ପୁରୀ*

★ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଚିଟିଂ ଏକ୍‌ଜାମ୍ ନୋ ପାପା' ଏକ ନୂଆ ଥିମ୍‌ର ଆଲେଖ୍ୟ ଥିଲା, ଯାହା ପଢ଼ିବାକୁ ବହୁତ ଭଲ ଲାଗିଲା। ଏହି ଲେଖାଟି ସମାଜ ଉପରେ ନିଶ୍ଚୟ ସୁପ୍ରଭାବ ପକାଇବ। 'ବାସ୍କେଟ ଆକୃତିର ଅଫିସ୍' ପାଠଟି ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। ସେହିପରି 'କୁଟ୍ ଫୁଟ୍‌ୱେର' ପାଠରୁ ଷ୍ଟାଇଲ ସମ୍ପର୍କରେ ଅନେକ କିଛି ଶିଖିହେଲା।

*-ମହେଶ ମହାନ୍ତି, ରାଉରକେଲା*

★ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକ ପାଟ୍ରିକ୍ ହ୍ୱାଇଟ୍‌ଙ୍କ ଜୀବନୀ ସମ୍ପର୍କରେ ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ ସମସ୍ତ ଗପ ଓ କବିତା ମୋତେ ପଢ଼ିବାକୁ ବହୁ ଭଲ ଲାଗେ। ସିନେମା ପୃଷ୍ଠାଟି ବି ମୋର ଖୁବ୍ ପ୍ରିୟ। ଏଥିରୁ ଓଲିଉଡ୍, ବଲିଉଡ୍ ତଥା ହଲିଉଡ୍ କଳାକାରମାନଙ୍କର ରିଲ୍ ଓ ରିଅଲ ଲାଇଫ୍ ସମ୍ପର୍କରେ ଅନେକ କିଛି ଜାଣିହୁଏ। ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ କଣ୍ଠଶିଳ୍ପୀ, ଗୀତିକାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ଭାବେ କାର୍ଯ୍ୟରତ ବାସୁଦେବ ମାଳବିଶୋଇଙ୍କ ରୋଜଗାର ସମ୍ପର୍କିତ ଲେଖା ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। *-ଅରୁଣ ଦାସ, ଖୋର୍ଦ୍ଧା*

★'ହରିରାଜପୁର ମେଳଣ' ପାଠରୁ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଧନ୍ୟବାଦ। ମଡେଲ ମିରର୍‌ରେ 'ରଶ୍ମି' ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସେହିପରି ସହର ପୃଷ୍ଠାରୁ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ସମ୍ପର୍କରେ ଜାଣିହେଲା। ଏଥରର ହାଃ ହାଃ ବି ବେଶ୍ ମଜାଦାର ଥିଲା। 'ଶାଶୁ-ବୋହୂ ମନ୍ଦିର' ପାଠଟି ମଧ୍ୟ ଏକ ନିଆରା ବିଷୟ ଥିଲା ପଢ଼ିବାକୁ।

*-ଅନିକେତ ପ୍ରଧାନ, ସମ୍ବଲପୁର*

★'ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ' ଭାଇଚାରାର ନିଆରା ପରମ୍ପରା ସମ୍ପର୍କରେ ଆମକୁ ଅବଗତ କରାଇଲା। ସେହିପରି ଲୁଗା ବ୍ୟବସାୟୀରୁ ଯୁବ ନାଟ୍ୟକାର ସାଜିଥିବା ପବିତ୍ର କୁମାର ମଲ୍ଲିକଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ଆଜିର ଯୁବପିଢ଼ିଙ୍କୁ ଅନେକ ପ୍ରେରଣା ଦେବ। ଏହାଛଡ଼ା ଉଲ୍ କାରିଗରି ଓ ଯେଉଁଠି ଲୋକଙ୍କଠୁ ବେଶି ସାଇକେଲ ଆଦି ପାଠର ଫଟୋଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*-ତପୁ, ଲିପୁ, ଦୀପୁ, ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର*

## ବିଶେଷ ଚିଠି



**ବ**ଡ଼ ଚମତ୍କାର ନିଆରା ଖବର
ଧରି ଆସେ ଛୁଟିଦିନ
ପ୍ରଚ୍ଛଦ ସୁଷମା ପଟାନ୍ତର ନାହିଁ
ବ୍ୟକ୍ତିତ୍ୱ କଳା ସୃଜନ।
ଯାତ୍ରା, ସିନେମା, ବିଜ୍ଞାନ ରହସ୍ୟ
ଭ୍ରମଣ ସ୍ଥାନର ଚିତ୍ର
ଶବ୍ଦ ବିନ୍ୟାସ ଆହା କି ସୁନ୍ଦର
ସାଥୀ ପ୍ରେମର ବୃତ୍ତାନ୍ତ।
ବ୍ୟାକ୍‌ପେଜ୍ ମଡେଲ ମିରର୍
ଆଉ ରାଶିଫଳର ଖବର
ବଢ଼ିଆ କାର୍ଟୁନ ମନ କିଣିନିଏ
ହାଃ ହାଃ ହସ ମଜାଦାର।

*-ଦୀକ୍ଷା ପ୍ରଧାନ, ବାଲିପଡ଼ା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





# ଘର ଚଟିଆ

## ସୁରକ୍ଷା ଚିନ୍ତା

ସକାଳ ଆରମ୍ଭରେ ଏମାନଙ୍କ କଳରବରେ ମନଖୁସି ଓ ସତେଜ ଲାଗୁଥିଲା। କିନ୍ତୁ ଗାଁ ଦାଣ୍ଡରେ ଏମାନେ ଡେଇଁ ଡେଇଁ ଦାନା ଅଣ୍ଡାଳୁଥିବାର ଦୃଶ୍ୟ ହେଉ କି ଗ୍ରୀଷ୍ମଋତୁରେ ଧୂଳିଗାଧୁଆର ଦୃଶ୍ୟ ଏବେ ଦେଖିବା ବିରଳ । ହେଲେ ଏମାନେ ଗଲେ କୁଆଡ଼େ?

ଧୂସର ରଙ୍ଗର ଟିକି ଚଢ଼େଇଟିଏ। ଶାନ୍ତ, ସରଳ, ନିରୀହ ପୁଣି ଆକର୍ଷଣୀୟ। ଦିନ ଥିଲା ବଡ଼ିଭୋରରୁ ଏମାନଙ୍କ କିଚିରିମିଚିରି ସ୍ୱର କାନକୁ ଶୁଭୁ ଶୁଭୁ ପାହାନ୍ତିନିଦ ଭାଙ୍ଗି ଯାଉଥିଲା। ସକାଳ ଆରମ୍ଭରେ ଏମାନଙ୍କ କଳରବରେ ମନଖୁସି ଓ ସତେଜ ଲାଗୁଥିଲା। କିନ୍ତୁ ଗାଁ ଦାଣ୍ଡରେ ଏମାନେ ଡେଇଁ ଡେଇଁ ଦାନା ଅଣ୍ଡାଳୁଥିବାର ଦୃଶ୍ୟ ହେଉ କି ଗ୍ରୀଷ୍ମଋତୁରେ ଧୂଳିଗାଧୁଆର ଦୃଶ୍ୟ ଏବେ ଦେଖିବା ବିରଳ । ହେଲେ ଏମାନେ ଗଲେ କୁଆଡ଼େ? ଦିନକୁ ଦିନ ଏମାନଙ୍କ ସଂଖ୍ୟା ପୃଥିବୀ ପୃଷ୍ଠରୁ କମୁଛି କାହିଁକି ? ଯାହା ପରିବେଶ ଓ ପ୍ରାଣୀ ଜଗତ ପାଇଁ ଏକ ଅଶୁଭ ଲକ୍ଷଣ। ଏମିତି ଆହୁରି କେତେ ପ୍ରଜାତିର ପକ୍ଷୀଙ୍କ ସ୍ୱର ଆଉ ଶୁଣିବାକୁ ମିଳୁନି ଗାଁ କି ସହରରେ । ତେବେ ଏହି ସୁକୁମାର ପକ୍ଷୀଟିର ନାଁ ଘରଚଟିଆ। ଏମାନଙ୍କ ସୁରକ୍ଷା ପାଇଁ ଓଡ଼ିଶାର କେତେଜଣ ବ୍ୟକ୍ତି ଅଣ୍ଟାଭିଡ଼ିଛନ୍ତି। ଘରଚଟିଆଙ୍କ ପାଇଁ ମାଟିମାଠିଆ ଓ କାଠବକ୍ସର କୃତ୍ରିମ ଘର ଲୋକଙ୍କୁ ବାଣ୍ଟୁଛନ୍ତି।

**ଗଞ୍ଜାମରେ ସୁରକ୍ଷା:** ଦିନଥିଲା ଗାଁରେ ଦେଖିବାକୁ ମିଳୁଥିଲା ଘରଚଟିଆଙ୍କୁ। କିନ୍ତୁ ପ୍ରାକୃତିକ ଦୁର୍ବିପାକ, ଚାଳଛପର ଘରର ଅଭାବ ଏମାନଙ୍କ ପାଇଁ ବାଧକ ସାଜିଲା। ଏପରି କି ଆଧୁନିକ ପ୍ରଣାଳୀରେ ଶସ୍ୟ ଜାତୀୟ ଚାଷ, ବହୁଳ ପରିମାଣରେ କଂକ୍ରିଟ୍‌ଛାତ, ଗାଁ ଗାଁରେ ମୋବାଇଲ ଟାୱାର ବିକିରଣ ଦ୍ୱାରା ଏମାନେ ଦିଗହରା ହେଲେ ଓ ପ୍ରଜନନ କ୍ଷମତାହ୍ରାସ ହେଲା। ଏଭଳି କାରଣ ଯୋଗୁ ଏହି ଛୋଟ ପକ୍ଷୀଟି ବିଲୁପ୍ତପ୍ରାୟ । ତେବେ ଏହି କ୍ଷୁଦ୍ରପକ୍ଷୀଙ୍କ ବଂଶ ସୁରକ୍ଷା କିପରି ହୋଇପାରିବ ଏବଂ ସେମାନେ କିପରି ଆମଘରକୁ ପୁଣି ଫେରିଆସିବେ ସେଥିପାଇଁ ଚିନ୍ତାପ୍ରକଟ କରିଛନ୍ତି କେତେଜଣ ପରିବେଶବିତ୍ ଓ ପକ୍ଷୀପ୍ରେମୀ। ଏଥିପାଇଁ ଗଞ୍ଜାମ ଜିଲାର ବ୍ରହ୍ମପୁର ଉପକଣ୍ଠସ୍ଥ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମପଞ୍ଚାୟତର ଗୁଣ୍ଠବନ୍ଧ ଗ୍ରାମର କେତେଜଣ ଯୁବକ ଆଞ୍ଚଳିକ ବିକାଶ ପରିଷଦ ନାମକ ଏକ ସଂଗଠନ ଗଠନ କରି ୨୦୧୧ମସିହାରୁ ଘରଚଟିଆ ସୁରକ୍ଷା ନିମନ୍ତେ ଜନସଚେତନତା କରୁଛନ୍ତି। ଏହି ସଂଗଠନରେ ପ୍ରାୟ ୩୦ଜଣ ସଦସ୍ୟ ଅଛନ୍ତି । ଏମାନେ ନିକଟସ୍ଥ ବାଘଝରି, ବିରିବାଡ଼ିଆ ଗ୍ରାମରେ ପ୍ରଥମେ ଏହି ଘରଚଟିଆର ସୁରକ୍ଷା ଅଭିଯାନ ଆରମ୍ଭ କରିଥିଲେ। ଘରଚଟିଆ ସୁରକ୍ଷା ଅଭିଯାନରେ ସାମିଲଥିବା ସାଗର ପାତ୍ର କୁହନ୍ତି, ଆମ ଗାଁରେ ୫/୬ଟି ଘରଚଟିଆକୁ ଦେଖିବାକୁ ମିଳୁଥିଲା। ତା'ପରେ ଗାଁରେ ଜନସଚେତନତା କରିଥିଲୁ। ପ୍ଲାକାର୍ଡ, ମାଟିହାଣ୍ଡି, ଶୁଖିଲା ଲାଉଖୋଳ ଓ ଷଢ଼େଇ ଆଦିରେ କୃତ୍ରିମ ଉପାୟରେ ଘରଚଟିଆର ଘର ତିଆରି କରି ମାଗଣାରେ ଲୋକମାନଙ୍କ ଘରେ ଏହି ଘରକୁ ନେଇ ରଖାଯିବାର ବ୍ୟବସ୍ଥା କରାଗଲା। ଗାଁ ଲୋକମାନେ ଏଥିରେ ସହଯୋଗ କଲେ। ଧୀରେ ଧୀରେ ଘରଚଟିଆମାନେ ବି ଏହି ଘରେ ବସାକରି ରହିଲେ । କ୍ରମାଗତଭାବେ ଏମାନଙ୍କର ବଂଶ ବୃଦ୍ଧିହେଲା। ଏପରି କାର୍ଯ୍ୟ ଦେଖି ଅନ୍ୟ ଗ୍ରାମର ଲୋକମାନେ ବି ଏଥିପ୍ରତି ଆକୃଷ୍ଟ ହେଲେ। ପର୍ଯ୍ୟାୟକ୍ରମେ ଲାଞ୍ଜିଆଗୁଣ୍ଠବନ୍ଧ ଓ ବ୍ରହ୍ମପୁରର ଧର୍ମନଗରଠାରେ ଏହି କାର୍ଯ୍ୟକ୍ରମ ହେଲା। ପ୍ରଥମେ ବାଘଝରି ଗ୍ରାମରୁ ଗୋଟିଏ ଯୋଡ଼ି ଘରଚଟିଆଙ୍କୁ ସ୍ଥାନାନ୍ତରିତ କରି ଗୁଣ୍ଠବନ୍ଧରେ ଛଡ଼ାଯାଇଥିଲା, କିନ୍ତୁ ପରେ ସେଠାରେ ସଫଳତାର ସହିତ ଘରଚଟିଆଙ୍କ ବଂଶବୃଦ୍ଧି ହୋଇପାରିଛି। ଏବେ ଏମାନଙ୍କ ସଂଖ୍ୟା ବଢି ବାଘଝରିରେ ପ୍ରାୟ୨୦୦, ଲାଞ୍ଜିଆରେ ୮୦, ବିରିବାଡ଼ିଆରେ ୧୧୦, ଗୁଣ୍ଠବନ୍ଧରେ ୪୦, ଧର୍ମନଗରରେ ୧୦୦ରୁ ଊର୍ଦ୍ଧ୍ୱ ବାସକଲେଣି। ଏହି ଅଞ୍ଚଳରେ ପ୍ରଥମେ ପ୍ରାୟ ୧୨୦ଟି ଶୁଖିଲା ଷଢ଼େଇଖୋଳ, ୩୦ଗୋଟି ମାଟିକଳସ, ୪୦ଲାଉର ଖୋଳ, ୨୫ଗୋଟି କାଠବାକ୍ସର ଘରଚଟିଆଙ୍କ ଘର କରାଯାଇଛି। ଏମାନଙ୍କ ସୁରକ୍ଷା ପାଇଁ ଗଞ୍ଜାମ ଜିଲାର ପ୍ରାୟ ୨୨ଟି ବ୍ଲକରେ କାର୍ଯ୍ୟକ୍ରମ ଚାଲୁରହିଛି।

→





# ଏମାନେ ଯାହା କୁହନ୍ତି

ମାଗଣାରେ ୨୭୦ଟି କୃତ୍ରିମ ଘର ଓ ୧୪୦ଟି ଖାଦ୍ୟସ୍ଥଳୀ ବଣ୍ଟନ କରାଯାଇଛି।

**ନୟାଗଡ଼ରେ ସୁରକ୍ଷା ଅଭିଯାନ:** ନୟାଗଡ଼ ଜିଲା ଗୋଡ଼ିପଡ଼ା ଗାଁର ଆଦିତ୍ୟ ଦାଶ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଓ ତାଙ୍କ ସ୍ତ୍ରୀ ସଂଘମିତ୍ରା ମିଶ୍ର ଜଣେ ଗୃହିଣୀ । ସେମାନେ ଖୁବ୍ ଭଲପାଆନ୍ତି ଘରଚଟିଆକୁ । ଛୁଟିଦିନରେ ଗାଁରେ ଗଛ ଲଗେଇବାକୁ ଭୁଲନ୍ତି ନାହିଁ। ଏହା ତାଙ୍କର ଏକ ନିଶା। ମାତ୍ର ସଂଘମିତ୍ରା କୁହନ୍ତି , ପିଲାଦିନେ ବହୁଳ ପରିମାଣରେ ଘରଚଟିଆ ଗାଁରେ ଦେଖୁଥିଲୁ। ଏବେ କାଁଭାଁ ଦେଖିବାକୁ ମିଳୁଛନ୍ତି। ଜଣେ ପରିବେଶବିତ୍‌ଙ୍କ 'ଧରିତ୍ରୀ'ରେ ବିଲୁପ୍ତ ପ୍ରାଣୀମାନଙ୍କ ସମ୍ପର୍କରେ ଏକ ଲେଖା ପଢି ଘରଚଟିଆଙ୍କ ବିଷୟରେ କିଛି ଅବଗତ ହୋଇଥିଲି। ମାତ୍ର ପକ୍ଷୀମାନେ ଦିନକୁଦିନ ଲୋପପାଇଯାଉଥିବାରୁ ମନକୁ ଦୁଃଖ ଲାଗିଲା। ସେମାନଙ୍କ ସୁରକ୍ଷା ପାଇଁ କିଛି ଗୋଟେ କାମ କରିବା ନିମନ୍ତେ ନିଷ୍ପତ୍ତି ନେଲି। ତା' ପରେ ପ୍ରାୟ ୨୦୧୭ ମସିହାରୁ ନାଗମୁଣ୍ଡଳି ଗାଁରେ ପ୍ରଥମେ ଘରଚଟିଆଙ୍କ ସମ୍ପର୍କରେ ଅନୁଧ୍ୟାନ କଲୁ ଏବଂ ଘରଚଟିଆଙ୍କ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଇ ପ୍ରଥମେ ଘରଚଟିଆର ବସା ପାଇଁ କେତେଜଣ ଲୋକଙ୍କ ଘରେ କିଛି ମାଟିମାଠିଆ ବାନ୍ଧିଥିଲୁ। ଏହାପରେ ଖଣ୍ଡପଡ଼ାର ଶିଖରପୁର ଗାଁରେ ମଧ୍ୟ କେତୋଟି ହାତତିଆରି କାଠବକ୍ସ ନେଇ ବାନ୍ଧିଲୁ। ଓଡ଼ଗାଁ ବ୍ଲକର ବଡ଼ଖୁଣ୍ଟୁଣୀ ଗାଁରେ ମଧ୍ୟ ଏପରି ବସା ତିଆରିକରି ଘରଚଟିଆ ସୁରକ୍ଷା ଅଭିଯାନ ଚଲାଇଛୁ। ଏଯାଏ ପ୍ରାୟ୪୦ଟି ବକ୍ସରେ ଘରଚଟିଆ ଚଳପ୍ରଚଳ କରୁଛନ୍ତି। ସ୍କୁଲ, କଲେଜର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ , ପରିବେଶବିତ୍ ଓ ପ୍ରକୃତିପ୍ରେମୀ ଏହି ସୁନ୍ଦର ପକ୍ଷୀର ସୁରକ୍ଷା ନିମନ୍ତେ ବିଭିନ୍ନ ସମୟରେ ଜନସଚେତନତା କାର୍ଯ୍ୟକ୍ରମ କରିଆସୁଛୁ।

**ବିରଳ ପ୍ରାଣୀଙ୍କ ସୁରକ୍ଷା ପାଇଁ ପ୍ରୟାସ:** ପ୍ରାକୃତିକ ପରିବେଶରେ ବିରଳପ୍ରାଣୀଙ୍କ ସୁରକ୍ଷା ପାଇଁ ସେ ଦେଖନ୍ତି ନିଆରା ସ୍ୱପ୍ନ। ସ୍କୁଲ ବୟସରୁ ହିଁ ଜୀବଜନ୍ତୁଙ୍କ ସୁରକ୍ଷାପ୍ରତି ମନ ବଳାଇଛନ୍ତି । ସେ ହେଲେ ପ୍ରକୃତିପ୍ରେମୀ ତଥା ପରିବେଶବିତ୍ ରବୀନ୍ଦ୍ରନାଥ ସାହୁ । ସେ କୁହନ୍ତି ଆମ ଘର ଗଞ୍ଜାମ ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ପୁରୁଣାବନ୍ଧ ଗାଁରେ। ସ୍କୁଲ ବୟସରେ ସମୁଦ୍ରକୂଳରେ ବୁଲୁଥିବାବେଳେ ଅନେକ ସାମୁଦ୍ରିକ କଇଁଛ, ଚିଲ, ଡଲଫିନ, ଘରଚଟିଆ ଆଦି ଦେଖିବାକୁ ପାଉଥିଲି। ମାତ୍ର ୧୯୯୪ ମସିହାର କଥା, ଜଣେ ପର୍ଯ୍ୟଟକ ତଥା ପରିବେଶବିତ୍ ଓ ଗବେଷକ ଡା. ବିଭାସ ପାଣ୍ଡବଙ୍କ ସହିତ ଥରେ ସମୁଦ୍ର ବେଳାଭୂମିରେ ଦେଖାହୁଏ। ତା'ପରେ ତାଙ୍କ ପ୍ରେରଣାରେ ସାମୁଦ୍ରିକ କଇଁଛର ସୁରକ୍ଷା →

**ବିଦେଶୀ ପକ୍ଷୀଙ୍କ ପାଇଁ ବହୁଯୋଜନା ମାତ୍ର ଘରଚଟିଆଙ୍କ ସୁରକ୍ଷା ପାସୋରି ଦେଉଛେ :** 



ଜୈବବିବିଧତା ଓ ପରିବେଶ ସନ୍ତୁଳନ ଏବେ ଚିନ୍ତାର କାରଣ ହୋଇପଡ଼ିଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ କୁହନ୍ତି, ଜିଲାର ଗାଁ ଗହଳିରେ କିଛି ଖୋଲା କୂଅ ଓ ଗଛରେ ଏହି ପକ୍ଷୀଙ୍କୁ କ୍ୱଚିତ ଦେଖିବାକୁ ମିଳୁଛି । ସରକାର ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ବହୁଯୋଜନା କରୁଥିବାବେଳେ କିନ୍ତୁ ଦୈନନ୍ଦିନ ଆମ ଚତୁଃପାର୍ଶ୍ୱରେ ଘୂରି ବୁଲୁଥିବା ଦେଶୀପକ୍ଷୀ ଘରଚଟିଆ କଥା ପାସୋରି ଦେଉଛନ୍ତି ।

**ଘରଚଟିଆଙ୍କ ସଂଖ୍ୟା କମି ଚାଲିଥିଲେ ମଧ ନିରାକରଣ ହେଉନି :** ନୟାଗଡ଼ ଜିଲା କଣ୍ଟିଲୋର ଅନ୍ତର୍ଯାମୀ ମହାରଣା କୁହନ୍ତି, ମନୁଷ୍ୟ ଜାତି ସହିତ ଘରଚଟିଆର ସମ୍ପର୍କ ବହୁ ବର୍ଷର । ଏହି ପକ୍ଷୀ ମୁଖ୍ୟତଃ ଜନବସତି ଅଞ୍ଚଳରେ ମନୁଷ୍ୟର ବାସଗୃହରେ ବସା ବାନ୍ଧି ରୁହନ୍ତି । ଗାଁ ଗଣ୍ଡାର ରାସ୍ତା ଘାଟରେ ପଡ଼ିଥିବା ଅଦରକାରୀ ଶସ୍ୟଦାନା ଓ ବାଡି ବଗିଚାର କ୍ଷତିକାରକ କୀଟପତଙ୍ଗ ଖାଇ ନିଜେ ବଞ୍ଚିବା ସହ ପରିବେଶକୁ ନିର୍ମଳ ରଖନ୍ତି । ହେଲେ ଏମାନଙ୍କ ସଂଖ୍ୟା କମି ଚାଲିଥିଲେ ମଧ ଏହାର ନିରାକରଣ ହେଉନି । ୨୦୧୨ମସିହାରେ ଘରଚଟିଆର ସଂରକ୍ଷଣ ପାଇଁ ସୋନପୁରର ଓମ୍‌ପ୍ରସାଦ ମିଶ୍ରଙ୍କୁ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ମିଳିଛି। ଇଣ୍ଟରନ୍ୟାସନାଲ ଇଉନିୟନଫର୍ କନଭରସନ ଅଫ ନାଚୁରାଲ ଆଣ୍ଡ ନାଚୁରାଲ ରିସର୍ଚ ନାମକ ଏକ ସଂସ୍ଥା ଘରଚଟିଆଙ୍କ ଉପରେ ଏକ ସର୍ଭେ କରିଥିଲେ। ୨୦୦୫ମସିହାରେ ଏମାନଙ୍କ ସଂଖ୍ୟା ପ୍ରାୟ ଶତକଡ଼ା ୮୦ଭାଗ ଲୋପ ପାଇଥିବାର କୁହାଯାଉଛି। ଏହା ଏବେ ଚିନ୍ତାର କାରଣ ହୋଇଛି।



**ଏବେର ପରିବେଶ ଘରଚଟିଆଙ୍କ ବଂଶବୃଦ୍ଧିରେ ପ୍ରତିକୂଳ ପ୍ରଭାବ ପକାଉଛି :** ପ୍ରକୃତିପ୍ରେମୀ ନନ୍ଦକିଶୋର ଭୂଜବଳ କୁହନ୍ତି, ଏବେ ଅନେକ ଚାଳଘରର ସ୍ଥାନ ନେଇଛି କୋଠା, ଟାଇଲ ଓ ଆଜବେଷ୍ଟସ ଘର । ସଂପୃକ୍ତ ଘରେ ଏହି ପକ୍ଷୀ ବସାକରିବା ସମ୍ଭବ ନୁହେଁ । ଗାଁରେ ଆଉ ବିଶେଷକରି ମାଟିରାସ୍ତା ନାହିଁ । ଏହା କଂକ୍ରିଟ ଓ ପିଚୁ ସଡ଼କକୁ ପରିବର୍ତ୍ତନ ହୋଇଛି । ପୁଣି କୃଷି କାର୍ଯ୍ୟରେ ବ୍ୟାପକ କୀଟନାଶକ ଓ ରାସାୟନିକ ସାର ପ୍ରୟୋଗ କରାଯାଉଛି ଫଳରେ ଜିଆ ସମେତ ବହୁ କୀଟପତଙ୍ଗ ନଷ୍ଟ ହୋଇ ଯାଉଛନ୍ତି । ଏଣୁ ଘରଚଟିଆଙ୍କୁ ଖାଦ୍ୟ ମଧ ମିଳୁନି । ଅନ୍ୟପକ୍ଷେ ମୋବାଇଲ ଟାୱାରରୁ ନିଃସୃତ ତୀବ୍ର ସୂକ୍ଷ୍ମତରଙ୍ଗ ଘରଚଟିଆଙ୍କ ବଂଶବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଏପରି ବିଭିନ୍ନ କାରଣରୁ ଘରଚଟିଆଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ।





**ମଣିଷ ଅନ୍ୟ ପ୍ରାଣୀଙ୍କ ବଞ୍ଚିବା ବ୍ୟବସ୍ଥାରେ ବାଧକ ସାଜୁଛି:** ପରିବେଶବିତ୍ ଶଶାଙ୍କଶେଖର ଦାଶ କୁହନ୍ତି, ଘରଚଟିଆ ପାଇଁ ଯେଉଁ ପରିବେଶ ଦରକାର ତାହା ଆଉ ମିଳୁନି। ସେହି ପରିବେଶକୁ ମଣିଷ ନିଜର ସୁବିଧା ପାଇଁ ନଷ୍ଟ କରୁଛି। ଅନ୍ୟ ପ୍ରାଣୀଙ୍କ ବଞ୍ଚିବା ବ୍ୟବସ୍ଥାରେ ବାଧକ ସାଜିଛି। ତେଣୁ ସେମାନଙ୍କ ବଂଶ କମୁଛି। ଚିଲିକାର ମଙ୍ଗଳାଯୋଡ଼ି ଓ କାଳୁପଡ଼ା ଅଞ୍ଚଳରେ ପ୍ରାୟ ୧୫୦ ରୁ ୨୦୦ ଘରଚଟିଆଙ୍କୁ ଦେଖିବାକୁ ମିଳୁଛି ।



ରଷିକୁଲ୍ୟା ସାମୁଦ୍ରିକ କଇଁଛ ସୁରକ୍ଷା ସମିତି ତରଫରୁ ଘରଚଟିଆ ବାକ୍ସ ବଣ୍ଟନ କରାଯାଉଛି।



ନୟାଗଡ ଜିଲା ଗୋଡିପଡା ଗାଁର ଘରଚଟିଆ ସୁରକ୍ଷା ସଦସ୍ୟମାନେ।





ପାଇଁ ଆଗଭର ହେଲି। ଏପରି କି ଅନ୍ୟାନ୍ୟ ବିରଳପ୍ରାଣୀମାନଙ୍କ ସୁରକ୍ଷା କିପରି ହୋଇପାରିବ ସେଥିପାଇଁ ଚିନ୍ତାକଲି। ୨୦୦୭ମସିହା ଠାରୁ ଆମଗାଁରେ କିଛି ହାତଗଣତି ଘରଚଟିଆ ଥିଲେ, ସେମାନଙ୍କ ସୁରକ୍ଷା କରାଗଲା। ଏବେ ପ୍ରାୟ ଏମାନଙ୍କ ସଂଖ୍ୟା ୪ଶହ ହେବ। ପୁଣି ଋଷିକୁଲ୍ୟା ସାମୁଦ୍ରିକ କଇଁଛ ସୁରକ୍ଷା ସମିତିର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଛି। ଏହି ସଂସ୍ଥାରେ ୫୬ଜଣ ସଦସ୍ୟ ରହିଛନ୍ତି। ସେମାନେ ଏହି ବିରଳପ୍ରାଣୀଙ୍କ ସୁରକ୍ଷା ଅଭିଯାନରେ ସାମିଲ ହୋଇଛନ୍ତି। ଘରଚଟିଆର ସୁରକ୍ଷା ପାଇଁ ଛୋଟ ଛୋଟ ମାଟି କଳସ ଓ କାଠବାକ୍ସ ଆଦିରେ କୃତ୍ରିମ ଘରକରି ଲୋକଙ୍କୁ ମାଗଣାରେ ବଣ୍ଟନ କରିଥାଉ। ସୁନ୍ଦରଗଡ଼ର ଟେନ୍‌ସା, ଆଠଗଡ଼, ବଡ଼ମ୍ବା, ନରସିଂହପୁର, ବାଲୁଗାଁ, ଅନୁଗୋଳ ଓ ଗୋପାଳପୁର ଆଦି ଅଞ୍ଚଳରେ ଘରଚଟିଆ ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିଛୁ । ବମ୍ବେର ନେଚର ଫର ଏଭର ସୋସାଇଟ୍‌ର ପରିବେଶବିତ୍ ମହମ୍ମଦ ଇସ୍‌ମାଇଲ ଦିଲବାରଙ୍କ ଏହି ଘରଚଟିଆ ସୁରକ୍ଷା ଅଭିଯାନ ମତେ ଅଧିକ ପ୍ରେରଣା ଦେଇଛି। ଏମିତିରେ ମୋତେ ଦିଲ୍ଲୀ, ବମ୍ବେ ଓ କଲିକତାର ବିଭିନ୍ନ ପରିବେଶ ସଂସ୍ଥାରୁ ଜାତୀୟସ୍ତରୀୟ ପୁରସ୍କାର ମିଳିଛି। ବି.ଏ. ଯାଏ ପାଠ ପଢ଼ିଛି। ମାତ୍ର ରୋଜଗାର ପାଇଁ ଏକ ଡାଏରୀଫାର୍ମରେ କାର୍ଯ୍ୟ କରୁଛି। ନିଜ ରୋଜଗାରରୁ କିଛି ଅର୍ଥ ଏହି ବିରଳ ପଶୁପକ୍ଷୀଙ୍କ ସୁରକ୍ଷାରେ ଲଗାଇଥାଏ। ଏଥିରେ ମତେ ଆନନ୍ଦ ମିଳେ।

**ବିଭିନ୍ନ ପ୍ରଜାତିର ଘରଚଟିଆ:**ଘରଚଟିଆ ଦଳବଦ୍ଧଭାବେ ବିଚରଣ କରିଥାନ୍ତି। ଏମାନେ ଜନବସତି ଓ କୃଷିଫାର୍ମ ଅଞ୍ଚଳରେ ବାସକରନ୍ତି। ଏମାନେ ବେଶି ଉଚ୍ଚ ପର୍ଯ୍ୟନ୍ତ ଉଡ଼ିପାରନ୍ତି ନାହିଁ। ମାଈ ଘରଚଟିଆଟିର ଦେହସାରା ଧୂସର ଈଷତ୍ ବାଦାମୀ ରଙ୍ଗର ପର ଥାଏ। ଦେହର ଠାଏ ଠାଏ ଧଳାଚିହ୍ନ ଓ ଧୂସର ରଙ୍ଗର ପରରେ ଆବୃତ ଏହି ଚଢ଼େଇଟି ଥରକେ ଚାରିରୁ ପାଞ୍ଚଟି ଅଣ୍ଡା ଦେଇଥାଏ। ମାଈଘରଚଟିଆ ଅଣ୍ଡା ଉସୁମାଇ ଛୁଆ ଫୁଟାଇବାକୁ ପ୍ରାୟ ୧୦ରୁ/୧୪ଦିନ ସମୟ ଲାଗିଥାଏ। ଛୁଆଗୁଡ଼ିକ ପ୍ରାୟ୨୦ଦିନଧରି ବସାରେ ରହିଥାନ୍ତି। ବର୍ଷକ ମଧ୍ୟରେ ୩ ରୁ ୪ଥର ଅଣ୍ଡା ଦେଇଥାନ୍ତି। ତେବେ ବିଭିନ୍ନ କାରଣରୁ ଅଧିକାଂଶ ଛୁଆ ସାଧାରଣତଃ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ପୁରୁଷ ଘରଚଟିଆର ବେକତଳେ , ଆଖି ଓ ଥଣ୍ଟଧାର ମଝିରେ ଏବଂ ଚାରିପଟେ କଳାରଙ୍ଗର ଦାଗଥାଏ। ଏହାଛଡ଼ା ତା' ପିଠି ପଛରେ ଛୋଟ ଧଳା ଚିହ୍ନ ମଧ୍ୟ ରହିଥାଏ। ଗୋଟିଏ ଘରଚଟିଆର ଲମ୍ବ ୧୪ରୁ ୧୬ ସେମି ଓ ଓଜନ ପ୍ରାୟ ୨୫ରୁ ୩୫ଗ୍ରାମ । ପୁରୁଷ ଘରଚଟିଆ ବସା ନିରୂପଣ କରିଥାଏ। ମାଈଘରଚଟିଆ ଓ ପୁରୁଷ ଘରଚଟିଆ ଉଭୟେ ମିଶି ବସା ତିଆରି କରିଥାନ୍ତି।

**ଖାଦ୍ୟ:**ଘରଚଟିଆ ଶସ୍ୟକ୍ଷେତ୍ରରେ ବିଭିନ୍ନ ଅପକାରୀ ଉଇ, ଝିଣ୍ଟିକା, ଲେଡ଼ାପୋକ ଓ ଅନ୍ୟାନ୍ୟ ପୋକକୁ ଖାଇଥାନ୍ତି। ମାଣ୍ଡିଆ, ଧାନ, ଚାଉଳଖୁଦ, ଗହମ, ସୋରିଷ,ଆଦି ଶସ୍ୟକୁ ଖାଇଥାନ୍ତି। ଏମାନେ ଖାଦ୍ୟ ଅନ୍ୱେଷଣରେ ପ୍ରାୟ୧.୫ରୁ୨ମାଇଲ ପର୍ଯ୍ୟନ୍ତ ଘୂରିବୁଲନ୍ତି ।

**ଘରଚଟିଆର ପରିବେଶ:**ଏମାନେ ପ୍ରାୟତଃ ଚାଳଘରେ ରୁହନ୍ତି। ଗଛ, ପାହାଡ଼ ଖୋଲ, ପୋଲ, ନଦୀକୂଳ ବାଉଁଶ ବୁଦା ଇତ୍ୟାଦି ସ୍ଥାନରେ ବସାବାନ୍ଧି ରୁହନ୍ତି।

**ଝଡ଼ବତାସର ସୂଚନା ଦିଅନ୍ତି:** ଘରଚଟିଆ ପ୍ରାୟ ଜନବସତିଥିବା ଅଞ୍ଚଳରେ ରହିବାକୁ ପସନ୍ଦ କରିଥାନ୍ତି। ମାତ୍ର ଆଜିକାଲି ଆଉ ଗାଁଦାଣ୍ଡରେ ଏମାନଙ୍କ ଧୂଳି ଗାଧୁଆର ଦୃଶ୍ୟ ଦେଖିବାକୁ ମିଳୁନି। ଏମାନେ ଗାଁଦାଣ୍ଡରେ ଧୂଳିରେ ଗାଧୋଇଲେ ବର୍ଷା ହେବାର ସମ୍ଭାବନାକୁ ସୂଚାଇଥାନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଣୁ ଏମାନଙ୍କ ଯୋଗୁ ପାଣିପାଗ ର ସୂଚନା ମିଳେ । ଯଦି ଘରଚଟିଆ ନିଜ ବସାରୁ ବାରମ୍ବାର ବାହାରିବା ଓ ପ୍ରବେଶ କରୁଥିବ ତେବେ ଝଡ଼ବତାସର ଅନୁରୂପ ସୂଚନା ମିଳୁଥିଲା ବୋଲି ଗାଁର ପୁରୁଖାଲୋକଙ୍କ ଠାରୁ ଶୁଣିବାକୁମିଳେ। ଘରେ ଘରଚଟିଆ ଘରକଲେ ଗାଁ ଲୋକମାନେ ଶୁଭ ବୋଲି ବିଚାରୁଥିଲେ । ହେଲେ ଆଜିକାଲି ଗାଁ ଗହଳିରେ ପାରମ୍ପରିକ ନଡ଼ାଛପର ଘର ଦେଖିବାକୁ ମିଳୁନି। ଓଡ଼ିଶାର ଅନ୍ୟ ଜିଲା ସମେତ ସୁନ୍ଦରଗଡ଼, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ନୟାଗଡ଼,ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲାର ସାତଭାୟା ଏବଂ କାଣିନଦୀ କୂଳରେ ଅବସ୍ଥିତ ସଂସିଧା ଆଦି ଅଞ୍ଚଳରେ ଘରଚଟିଆଙ୍କୁ ଦେଖିବାକୁ ମିଳେ। ସେହିପରି ଚିଲିକା ପାରିକୂଦ, ମଙ୍ଗଳାଯୋଡ଼ି ଅଞ୍ଚଳରେ ଏମାନଙ୍କୁ କାଁଭାଁ ଦେଖିବାକୁ ମିଳୁଛି। ଏପରି ଉପକାରୀ ପକ୍ଷୀର ସୁରକ୍ଷା କରାନଗଲେ ଆଗାମୀ ପିଢ଼ି ଏହି ପକ୍ଷୀ ସମ୍ପର୍କରେ ଜାଣିବାକୁ ପାଇଲେ ମଧ ତାଙ୍କୁ ଦେଖିବାର ସୁଯୋଗ ହୁଏତ ଆଉ ପାଇପାରିବେ ନାହିଁ। ପ୍ରତିବର୍ଷ ମାର୍ଚ୍ଚ୨୦ ତାରିଖରେ ସାରା ବିଶ୍ୱ ଘରଚଟିଆ ଦିବସ ପାଳନ କରୁଛି। ଏବେ ଏମାନଙ୍କ ସୁରକ୍ଷା ଏକ ଆହ୍ୱାନ ହୋଇଛି।

**–ବନବିହାରୀ ବେହେରା, ଲୋକନାଥ ମିଶ୍ର**




ଗଞ୍ଜାମ ଗୁଣ୍ଡବନ୍ଧ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ



ଆଦିତ୍ୟ ଦାଶ –ସଂଘମିତ୍ରା ମିଶ୍ର

# "ଆମ୍ବ ମିଠା ହେଲେ ବାଟୋଇ ଆସିବ ହିଁ ଆସିବ"



ଲିଟିଲ୍ ମାଷ୍ଟର ବିନୋଦ ରାଉତ

**କେନ୍ଦୁଝରର ସୋସୋ ଗ୍ରାମରେ ତାଙ୍କର ଜନ୍ମ। ବିଜ୍ଞାନ ପଢ଼ିବା ପାଇଁ ଆସି ନାମ ଲେଖାନ୍ତି ଭଦ୍ରକ ମହାବିଦ୍ୟାଳୟରେ। ମନ ଭିତରେ ଥାଏ ନାଟକ ପ୍ରତି ମୋହ। ବିଜ୍ଞାନ ପଢ଼ା ଶେଷକରି ଭୁବନେଶ୍ୱର ସଂଗୀତ ମହାବିଦ୍ୟାଳୟକୁ ଆସି ସେ ହୋଇଯାଆନ୍ତି ନାଟକର ଛାତ୍ର। ଶତାବ୍ଦୀର କଳାକାରରୁ ତାଙ୍କୁ ମିଳେ ଅଭିନୟର ତାଲିମ। ସେତିକି ନୁହେଁ, ଚଳଚ୍ଚିତ୍ର ନିର୍ଦ୍ଦେଶକ ରବି କିନାଗୀଙ୍କଠାରୁ ସେ ଶିଖନ୍ତି ନିର୍ଦ୍ଦେଶନାର କଳାକୌଶଳ। ସମୟକ୍ରମେ ସେ ପାଲଟି ଯାଆନ୍ତି ଯାତ୍ରାଜଗତର ଭେଟେରାନ୍ ନିର୍ଦ୍ଦେଶକ ଲିଟିଲ୍ ମାଷ୍ଟର। ସେହି ଲିଟିଲ ମାଷ୍ଟର ବିନୋଦ ରାଉତଙ୍କ ସହ ହୋଇଥିବା ବାର୍ତ୍ତାଳାପର କିୟଦଂଶ...**

**ପ୍ରଶ୍ନ:** ଅନନ୍ତ ଓଝାଙ୍କ ସହ କାମ କରିବାର ଅନୁଭୂତି ସବୁ କିଭଳି?

**ଉତ୍ତର:** ସ୍ୱର୍ଗତ ଅନନ୍ତ ଓଝା ହେଉଛନ୍ତି ମୋ ଯାତ୍ରା ଜୀବନର ଉତ୍ତରଣର ଏକ ପ୍ରମୁଖ ଉତ୍ସ। ଆମେ ଦୁହେଁ ମିଶି ଓଡ଼ିଆ ଯାତ୍ରା ଜଗତକୁ ବହୁ ସଫଳ ନାଟକ ପ୍ରଦାନ କରିଛୁ। ଯେମିତି କି ବିଦେଶିନୀ, କେନ୍ଦ୍ରାପଡ଼ାର ବାବା, ସୁନାଝିଅ ଶିବାନୀ ଏବଂ ଆହୁରି ଅନେକ। ତାଙ୍କ ସହ କାମ କରିବାର ଦିନ ସବୁ ଅଭୁଲା। ସେ ଜଣେ ସ୍ପଷ୍ଟବାଦୀ ମଣିଷ ଥିଲେ। ଭାରି ସ୍ନେହୀ। ମେଳାପୀ। ଗୋବରୀ ନଈକୁ ମା' ବୋଲି ଭାବୁଥିଲେ। ତାଙ୍କର ପ୍ରାଣ ଥିଲା ନାଟକ। ସେ ବର୍ଷକ ତିନିଶ ପଞ୍ଚଷଠି ଦିନ କେବଳ ନାଟକ କଥା ହିଁ ଭାବୁଥିଲେ। ସ୍ୱର୍ଗତ ଓଝା ଥିଲେ ଭାରି ମିଜାଜୀ ମଣିଷ। ଥରେ ମୁଁ କହିଲି, ମୋତେ ଗୋଟେ କାହାଣୀ ଶୁଣାନ୍ତୁ। ସେ ହସିଦେଇ କହିଲେ, ଆରେ ଲେଖକ ଆଗ କାହାଣୀ ଶୁଣାଏନି। କାହାଣୀ ଲେଖେ। ଆଉ ଲେଖିବା ପୂର୍ବରୁ ସେ କ'ଣ କାହାକୁ କାହାଣୀ ଶୁଣାଏ। ଆଚ୍ଛା କହିଲୁ, ବାଲ୍ମୀକି କ'ଣ ଆଗ ରାମାୟଣ ଶୁଣେଇ ତା'ପରେ ଲେଖିଥିଲେ? ବିଭୂତି ପଟ୍ଟନାୟକ କ'ଣ ଆଗ ଅନ୍ୟକୁ କାହାଣୀ ଶୁଣେଇ ତା'ପରେ ଭଲ ଲାଗିଲେ ଉପନ୍ୟାସ ଲେଖନ୍ତି। ସ୍ୱର୍ଗତ ଓଝା ଏମିତି ଏକ ମଣିଷ ଥିଲେ, ଯିଏ ନିଜ ଇଚ୍ଛାରେ ଠିକ୍ ତାଙ୍କରି ପରି ବଞ୍ଚୁଥିଲେ।

**ପ୍ରଶ୍ନ: ଫିଲ୍ମ 'ପରଦେଶୀ ଚଢ଼େଇ'ର ନାୟିକା ଅର୍ମିଣ୍ଟାଙ୍କୁ ଓଡ଼ିଆ ତାଲିମ ଦେଇଥିବାର ଅନୁଭୂତି ମନେପଡ଼େ?**

**ଉତ୍ତର:** (ସେ ହସିଲେ ଓ କହିଲେ) ତାହା ଏକ ଖୁବ୍ ମଜାଦାର ଅନୁଭୂତି। ନିର୍ଦ୍ଦେଶକ ରବି କିନାଗୀ କହିଲେ– ବିନୋଦ! ତମେ ଅର୍ମିଣ୍ଟାକୁ ଓଡ଼ିଆ ଶିଖେଇବ। ମୁଁ ଖୁସି ମନରେ ଚାଲିଲି। ହେଲେ ଦୁଇଟା ଦିନ ପରେ ମୋର ତାଙ୍କୁ ଓଡ଼ିଆ ଶିଖେଇବା ନିଶା ଖସିଗଲା। ମୋତେ ଲାଗିଲା, ଏଠି ବେଶିଦିନ ରହିଲେ ମୁଁ ପାଗଳ ହୋଇଯିବି। କାରଣ ସେ ଓଡ଼ିଆକୁ ଏମିତି ଭାବେ ଉଚ୍ଚାରଣ କରୁଥିଲେ ତାହା ମୋ କାନକୁ ଆସୁ ନ ଥିଲା। ସବୁ ମୁଣ୍ଡ ଉପର ଦେଇ ପଳେଇଗଲା। ସଂଳାପ ଲେଖକ ଓଡ଼ିଆ 'ମୁଁ' କୁ ଇଂରାଜୀରେ ଲେଖିଥିବେ 'mun' । ଅର୍ମିଣ୍ଟା ତାକୁ ପଢ଼ିବେ 'ମିଉଁ'! ମୁଁ ବୁଝିପାରୁ ନ ଥାଏ କେମିତି ତାଙ୍କୁ 'ମିଉଁ'ରୁ 'ମୁଁ'କୁ ଆଣିବି। ଦିନେ ବହୁତ ଭାବିଚିନ୍ତି ଲେଖିଲି moon। ସେମାନଙ୍କର ତ ଶେଷ ଅକ୍ଷରଟି ଉଚ୍ଚାରିତ ହୁଏନା। ଅର୍ଥାତ୍ ସେମାନେ ମୁନ୍ ବୋଲି ଉଚ୍ଚାରଣ ନ କରି କହନ୍ତି 'ମୁଁ..'। ଅର୍ମିଣ୍ଟା ତାକୁ ପଢ଼ି କହିଲେ– ଓଃ ମୁଁ..! ମୁଁ ଖୁସିରେ ଆତ୍ମହରା ହୋଇଗଲି। ଆର୍କେମେଡିସ୍ ଯେମିତି ୟୁରେକା ୟୁରେକା କହି ଦଉଡ଼ିଥିଲେ ମୁଁ ସେମିତି ପାଇଗଲି, ଅର୍ମିଣ୍ଟାଙ୍କୁ ଓଡ଼ିଆ ଶିଖେଇବାର ସୂତ୍ର ପାଇଗଲି ବୋଲି ମନେ ମନେ କହିବାକୁ ଲାଗିଲି।

**ପ୍ରଶ୍ନ: କେବଳ ଭଲ ନାଟକ ହିଁ ଯାତ୍ରାକୁ ବଞ୍ଚେଇପାରିବ। ତା'ର ପୂର୍ବ ଗୌରବକୁ ଫେରେଇ ଆଣିପାରିବ। ଏ କଥା ସମସ୍ତେ କହୁଛନ୍ତି। ଜଣେ ଭେଟେରାନ୍ ଭାବରେ ଆପଣ କହିବେ, ନାଟକ ଭଲ ହେଉନାହିଁ କାହିଁକି?**

**ଉତ୍ତର:** ଦେଖନ୍ତୁ ନାଟକର ଭିତ୍ତିଭୂମି ହେଉଛି କାହାଣୀ। ଏକ ବଳିଷ୍ଠ କାହାଣୀ ହିଁ ଗୋଟିଏ ବଳିଷ୍ଠ ନାଟକକୁ ଜନ୍ମ ଦେଇପାରିବ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାହାଣୀକୁ ତା' ନିଜ ବାଟରେ ଯିବା ପାଇଁ ଛାଡ଼ିଦେବା ଆବଶ୍ୟକ। କାରଣ ତା'ର ଏକ ନିଜସ୍ୱ ଗତି ଅଛି। ନିଜସ୍ୱ ଧାରା ମଧ୍ୟ ଅଛି। ତାହା ସ୍ୱାଭାବିକ ଭାବରେ ଗତିକରେ। ଯେଉଁ ଚରିତ୍ରକୁ ଯେତିକି ନ୍ୟାୟ ଦବାକଥା ସେ ଠିକ୍ ସେତିକି ନ୍ୟାୟ ଦିଏ। ନା ବେଶି। ନା କମ୍। ତା'ହେଲେ ଯାଇ ଏକ ଭଲ କାହାଣୀ ଆସେ। ଆଉ ଭଲ କାହାଣୀରୁ ଭଲ ନାଟକ। ହୁଏତ ଆଜିକାଲି ଏସବୁରେ କୋଉଠି ନା କୋଉଠି ତ୍ରୁଟି ରହିଥାଇପାରେ। ଆଉ ଗୋଟେ କଥା ହେଉଛି, ନାଟକ ପରିବେଷଣର ସମୟ ସୀମା କମିଯାଇଛି। ଫଳରେ କାହାଣୀ ଚାପି ହୋଇଯାଉଛି। ଏହା ମଧ୍ୟ ଆଉ ଏକ କାରଣ ହୋଇପାରେ।

**ପ୍ରଶ୍ନ: ଯଦି ଆପଣଙ୍କୁ ଭାରତ ବା ଓଡ଼ିଶାର ମନୋରଞ୍ଜନ ପରିପ୍ରେକ୍ଷୀରେ ସଫଳ କାହାଣୀର ଏକ ଶ୍ରେଷ୍ଠ ବିଷୟରେ ପଚରାଯାଏ ତା'ହେଲେ...**

**ଉତ୍ତର:** ମୋ ଉତ୍ତର ଖୁବ୍ ସ୍ପଷ୍ଟ। ଭାରତର ଲୋକମାନେ ନାରୀ (ମା', ଭଉଣୀ, ପତ୍ନୀ, କନ୍ୟା କେହି ବି ହୋଇପାରନ୍ତି)ମାନଙ୍କୁ ନେଇ ଭାରି ସମ୍ବେଦନଶୀଳ। ନାରୀ କାନ୍ଦିଲେ ସେମାନେ କାନ୍ଦନ୍ତି। ଆହା ଚୁଚୁ କରନ୍ତି। ଛାତିରେ ବ୍ୟଥା ଅନୁଭବ କରନ୍ତି। ରାମାୟଣ ଗୋଟେ ନାରୀର କାହାଣୀ। ମହାଭାରତ ମଧ୍ୟ ଗୋଟିଏ ନାରୀର କାହାଣୀ। ଯେତେ ନାରୀକୈନ୍ଦ୍ରିକ କାହାଣୀ ସବୁ ସଫଳ। ସବୁ ମନଛୁଆଁ। ହେଲେ ଆମ ଇଣ୍ଡଷ୍ଟ୍ରିରେ ନାରୀକୈନ୍ଦ୍ରିକ ନାଟକର ଘୋର ଅଭାବ ପରିଲକ୍ଷିତ ହେଉଛି।

**ପ୍ରଶ୍ନ: ସବୁ ଦୋଷ କିନ୍ତୁ ଦର୍ଶକଙ୍କୁ ଯାଉଛି ଯେ! ଦର୍ଶକ ଏମିତି ଚାହୁଁଛନ୍ତି... ଦର୍ଶକ ସେମିତି ଚାହୁଁଛନ୍ତି...**

**ଉତ୍ତର:** ଭୁଲ। ଶତ ପ୍ରତିଶତ ଭୁଲ। ବଜାରକୁ ଚାଇନା ମାଲ୍ ତମେ ଆଣିବ। ଲୋକମାନେ ତାହାର ବ୍ୟବହାର କରିବାକୁ ବାଧହେବେ। କାରଣ ବିକଳ୍ପ ନାହିଁ। ଅଥଚ ତମେ କହିବ, ଲୋକମାନେ ଚାଇନା ମାଲ୍ ଚାହୁଁଛନ୍ତି! ଇୟେ କେମିତିକା କଥା? ଏ ପ୍ରଶ୍ନର ଉତ୍ତରରେ ଗୋଟିଏ କଥା କହିବି– ବାଟୋଇ କେବେ ଆମ୍ବକୁ କହେନି ମୋତେ ପାଚିଲା ଦେ କି ଦରପଚା ଦେ କିମ୍ବା ମିଠା ଆମ୍ବ ଦେ। ଆମ୍ବ ତା'ର ସମୟ ହେଲେ ସ୍ୱତଃସ୍ଫୂର୍ତ୍ତ ହୋଇ ଖସେ। ବାଟୋଇ ତାକୁ ଖାଏ। ଖାଇବା ପରେ ଖଟା କି ମିଠା ଜଣାଏ। ଆମ୍ବ ମିଠା ହୋଇଥିଲେ ଆଉଥରେ ଆସେ। ଖଟା ହେଇଥିଲେ ବାଟ ଭାଙ୍ଗି ଚାଲିଯାଏ। ଏଥିରେ କ'ଣ ଦୋଷ ବାଟୋଇର?

**ପ୍ରଶ୍ନ: କମେଡିର ଅର୍ଥ କ'ଣ କିଛି ଅଣ–ସାମ୍ବିଧାନିକ ଶବ୍ଦର ଅପପ୍ରୟୋଗ? ଆମେ ଶାଳୀନତାର ସୀମା ଭିତରେ ରହି ଲୋକଙ୍କୁ ହସେଇ ପାରିବାନି? ଯେମିତି ଗୋପାଳ ଛୋଟରାଏ... ଯେମିତି ...**

**ଉତ୍ତର:** ମୁଁ କେବେ ମୋ ନାଟକରେ ସେମିତି ପ୍ରଶ୍ରୟ ଦେଇନି। ଗୋଟିଏ ଘଟଣା ମନେପଡୁଛି: ଥରେ ମୁଁ ଓ ଅନନ୍ତ ଓଝା ଆମର ଗୋଟେ ନାଟକ ଦେଖୁଥାଉ। ହାସ୍ୟ କଳାକାରଟିଏ ମଞ୍ଚରେ କିଛି ଭଲଗାର୍ କଥା କହିଦେଲା। ସକାଳେ ଅନନ୍ତ ଓଝା ସେହି କଳାକାରଙ୍କୁ ଡାକିଲେ ଆଉ କହିଲେ– ତୋର ମା', ବାପା, ସ୍ତ୍ରୀ, ଭାଇବୋହୂ, ଝିଅଙ୍କୁ କାଲି ମୁଁ ଆଣି ପ୍ରଥମ ସିଟ୍‌ରେ ବସେଇବି। ଆଉ ତୁ ଏଭଳି ଡାଏଲଗ୍ କହିବୁ। ମୁଁ ଦେଖିବି ସେମାନେ ହସୁଛନ୍ତି ନା ନାହିଁ।

**ପ୍ରଶ୍ନ: ସତରେ କ'ଣ ସେମିତିକା ସ୍କ୍ରିପ୍ଟ ହେଉନାହିଁ?**

**ଉତ୍ତର:** ହେଉଥିବ। ହେଉଥାଇପାରେ। ମୋତେ ସେ ବିଷୟ ଜଣାନାହିଁ। ଏହା ତୁରନ୍ତ ବନ୍ଦ ହେବା ଉଚିତ। କାରଣ ପାଲା ପରେ ଯାତ୍ରା ହେଉଛି ସଂସ୍କୃତିର ଆଉ ଏକ ଶକ୍ତ ବାର୍ତ୍ତାବହ।

**ପ୍ରଶ୍ନ: ଶୁଣାଯାଏ, ନିର୍ଦ୍ଦିଷ୍ଟ ଚରିତ୍ରକୁ ବଡ଼ ବା ସାନ କରିବା ପାଇଁ ଲେଖକ, ନିର୍ଦ୍ଦେଶକଙ୍କ ଉପରେ ଷ୍ଟାର କଳାକାର ନ ହେଲେ ମାଲିକମାନଙ୍କର ଚାପ ପଡ଼େ। ଏହା କେବଳ ଏକ ଗୁଜବ ନା ଯା ପଛରେ କିଛି ସତ୍ୟତା ରହିଛି?**

**ଉତ୍ତର:** ମୁଁ ଆଉ କାହା କଥା କହିପାରିବିନି। ତେବେ ମୋର ଏତେବର୍ଷର କ୍ୟାରିୟର ଭିତରେ ମୁଁ ସେଭଳି ପରିସ୍ଥିତିର ସାମ୍ନା କରିନାହିଁ। ତେବେ ହଁ, ମାଲିକମାନେ ମୋତେ ଗୋଟିଏ କଥା କହନ୍ତି – ଆପଣ କାହାକୁ କି ଚରିତ୍ର ଦେବେ କିମ୍ବା ଆପଣ କ'ଣ କାହାଣୀ କରିବେ ସେସବୁ ଆମର ବୁଝିବାର ନାହିଁ। ଆମର କିନ୍ତୁ ନାଟକ ଭଲ ହେବା ଦରକାର। ଆଉ ମାଲିକମାନଙ୍କର ଏପରି କହିବାର ଅଧିକାର ମଧ୍ୟ ରହିଛି।

**ପ୍ରଶ୍ନ: ଯାତ୍ରା ପରିବାରର ଜଣେ ଭେଟେରାନ୍ ଭାବେ ଆପଣଙ୍କର ଶେଷବାର୍ତ୍ତା କ'ଣ ରହିବ?**

**ଉତ୍ତର:** ଏଠି ସମସ୍ତେ କାନ୍ଦୁଛନ୍ତି। ହେଲେ କାହା ଆଖିରୁ ଲୁହ ଝରୁନି। ଆରେ କେହି ତ ଅସଲରେ ଲୁହ ଝରାଅ। ଲୋକେ କହିବେ, ସତରେ କେହି ଜଣେ କାନ୍ଦୁଛି।

– ରାଜେନ୍ଦ୍ର ରାଉଳ



ପତ୍ନୀ ସୌଦାମିନୀ, ପୁଅ ମୌର୍ଯ୍ୟ ଓ ଝିଅ ସଂସ୍କୃତି ସହ ଲିଟିଲ୍ ମାଷ୍ଟର

# ହେବନାହିଁ ବାଲିଚର

**–ବିଷ୍ଣୁ ମୋହନ**

ବିଷାଦର ମେଘ ଢାଙ୍କିଥିଲା ମୋ
ଚଲାପଥ ଜୀବନର
ତୁମେ ଶତରୂପା, କନକ ଚମ୍ପା
ଆସି କରିଦେଲ ଦୂର ।
ପ୍ରେମର ଜୁଆରେ, ଉବୁଟୁବୁ କଲ
ମନ ଉପତ୍ୟକା ମୋର
ସପନରେ ଥିବା ସବୁଜିମା ଆଉ
ହେବ ନାହିଁ ବାଲିଚର ।
ସିନ୍ଦୂରା ଏବେ ଚହଟି ଉଠିବ
ସୂରୁଯ ଆସିବ ଉଇଁ
ବାନ୍ଧିଥିବା ସେ ପକ୍ଷୀର ବସାରୁ
ଶୁଭେ ଡାକ ଚିଇଁ ଚିଇଁ ।

*ଏ/୫୮, କ୍ରିଷ୍ଣାଗାର୍ଡ଼େନ-୨*
*ଖଣ୍ଡଗିରି, ଭୁବନେଶ୍ୱର-୩୦*





# ନାଳି ରଙ୍ଗ

**–ଲିପ୍‌ସା ବିଶୋଇ**

ତାକୁ ନାଳି ରଙ୍ଗ ପସନ୍ଦ ବୋଲି ପିଲାଟି ବେଳୁ ଜାଣିଥିଲି । ସେଥିପାଇଁ ତ ବୋହୂଚୋରି ଖେଳିଲା ବେଳେ ହେଉ ବା କଣ୍ଢେଇ ବାହାଘର ବେଳେ ତା' ଅଜାଣତରେ ମୁଁ ନାଳି ରଙ୍ଗର ଶାର୍ଟଟିଏ ପିନ୍ଧି ଦିଏ । ମୁଁ ନାଳି ପିନ୍ଧିଥିବା ଦେଖି, ଫୁଲ ଭଅଁରକୁ ଆକର୍ଷିତ କଲା ଭଳି ସେ ବି ମୋ ପାଖକୁ ଲାଗିଆସେ ।

କାହିଁ କେଜାଣି ସେବେଠୁ ମୋର ବି ନାଳି ରଙ୍ଗ ପ୍ରତି ଅନେକ ଦୁର୍ବଳତା । ସ୍କୁଲରେ ଏକାଠି ବସି ଖାଇଲା ବେଳେ ବି ମୁଁ ନାଳି ରଙ୍ଗର ଟିଫିନ୍ ବକ୍ସରୁ ଖଣ୍ଡିଏ ପରଟା ବାହାର କରି ତା' ହାତକୁ ବଢେଇ ଦେଲା ବେଳେ ତା' ନାଳି ଓଠର ଚେନାଏ ହସ ଦେଖି ମୋ ମନ ବି କୁଣ୍ଢେମୋଟ ହୋଇଯାଏ ।

ଆଉ ତା' ପରେ କଲେଜ ବେଳର ସେ ନାଳି ଟହ ଟହ କୃଷ୍ଣଚୂଡ଼ା ଗଛମୂଳେ ନାଳି ଗୋଲାପ ଦିଆନିଆ ହେଉ ବା ନାଳି ଲଫାପା ଭିତରେ ପ୍ରେମଭରା ଚିଠି । ସତେ ଯେମିତି ଏ ଦୁନିଆଟା ହୋଇଯାଇଥିଲା ଆମ ପାଇଁ ନାଳି ରଙ୍ଗମୟ । କିନ୍ତୁ ଯେବେଠୁ ତାକୁ ନାଳି ରଙ୍ଗର ପାଟ, ନାଳି ରଙ୍ଗ ଓଢଣା, ନାଳି ରଙ୍ଗର ସିନ୍ଦୂର, ନାଳି ରଙ୍ଗର ଶଙ୍ଖାରେ ଦେଖିଲି ସେବେଠୁ ନାଳି ରଙ୍ଗ ହୋଇଗଲା ମୋ ପାଇଁ ବିଷ ।

ନାଳି ରଙ୍ଗର ଅଳତା ନାଇ ସେ ଯେବେ ଆଉ କାହା ପାଇଁ ବଧୂ ବେଶ ସାଜିଲା ସେବେଠୁ ନାଳି ରଙ୍ଗ ମୋ ଜୀବନକୁ ରଙ୍ଗହୀନ କରିଦେଲା ।

ହେଲେ ଏବେ......
ପୁଣି ବସନ୍ତ ଆସିଲା,
ସେହି କୃଷ୍ଣଚୂଡ଼ା ଗଛରେ ପୁଣି ନାଳି ଫୁଲ ଫୁଟିଲା,
ତା ସ୍ମୃତିର ନାଳି ପ୍ରଜାପତି ପୁଣି ଡେଣା ଝାଡ଼ି ଉଡ଼ିଲା,
ଆଜି କାହିଁ ସେଇ ନାଳି ରଙ୍ଗ ପୁଣି ଭଲ ଲାଗିଲା,
ବୋଧେ ମୋ ଜୀବନକୁ ପୁଣି ପ୍ରେମ ଆସିଲା ।
କାହିଁକି ନା ଏ ପ୍ରେମର ନାଳି ରଙ୍ଗ ଥରେ ଲାଗିଲେ କ'ଣ ସହଜେ ଛାଡ଼େ ?

*ପ୍ଲଟ୍ ନଂ-୨୬୬, ଶାନ୍ତିନଗର,*
*ଝାରପଡ଼ା, ଭୁବନେଶ୍ୱର*



# ଆକର୍ଷଣ

**–ସଚ୍ଚିଦା ନନ୍ଦ ବାରିକ**

ଏମିତି ବେଳେ ବେଳେ
ବ୍ୟସ୍ତବିବ୍ରତ ମନ ଯେବେ
ବାହାରକୁ ଦେଖେ
ମନର ଆଇନାରେ ଧରାଦିଏ
କେହି ଜଣେ
ଦିନେ ଦିନେ ଆଖି ମିଶେ
ଉତ୍କଣ୍ଠା ବଢେ
ତା'ପରେ
ନିର୍ଦ୍ଦିଷ୍ଟ ସମୟରେ
ପ୍ରାୟ ପ୍ରତିଦିନ ଦେଖାହୁଏ ।
ଉତ୍କଣ୍ଠା ପ୍ରେମରେ ପରିଣତ ହୁଏ
ମନରେ ଘର କରେ
ଏମିତି ଚାଲେ ଅନେକ ଦିନ ।
ଯଦି ସଫଳ ହୁଏ
ହସଖୁସିର ସୁନ୍ଦର ଭବିଷ୍ୟତଟେ
ଆଗକୁ ଥାଏ
ନ ହେଲେ ମନ ଭାଙ୍ଗେ
ରକ୍ତ ବଦଳରେ ଲୁହ ଝରେ
କିଛି ଦିନର ଗୁମ୍‌ସୁମ୍ ପରେ
ମନ ହାଲ୍‌କା ହେଲା ପରେ
ଚାପରେ
ପରିବାର କଥାରେ
ଜୀବନର ରାସ୍ତା ଅଲଗା ହୁଏ
କଷ୍ଟରେ ବିତିଥିବା ଦିନ
ଅଭୁଲା ଅତୀତ ହୁଏ ।

*ଝୁମ୍ପୁରା, କେନ୍ଦୁଝର*



## ଭଉଣୀ ହେବ ଏମିତି


ଶନାୟା

ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା। ପରଦା ପଛରେ ସେ ବେଶ୍ ସକ୍ରିୟ। ଜଣେ ସହଯୋଗୀ ନିର୍ଦ୍ଦେଶିକା ଭାବରେ ବଲିଉଡ୍‌ରେ ସେ ନିଜ କ୍ୟାରିୟର ଆରମ୍ଭ କରିଛନ୍ତି। ଆଉ ଏହାକୁ କ୍ୟାରିୟର କରିବାକୁ ସେ ମଧ୍ୟ ମାଇଣ୍ଡ ମେକ୍‌ଅପ କରିସାରିଲେଣି। ବର୍ତ୍ତମାନ ସେ ଗୁଞ୍ଜନ ସାକସେନା ବାୟୋପିକ୍‌ର ସହ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଖାସ୍ କଥା ହେଲା, ଏହି ଫିଲ୍ମରେ ତାଙ୍କର ଭଉଣୀ ତଥା ବୋନି କପୁରଙ୍କ ଝିଅ ଜାହ୍ନବୀ ଅଭିନୟ କରୁଛନ୍ତି। ନିକଟରେ ସେ ଫିଲ୍ମ ବିଷୟରେ କହିବେ କ'ଣ ଜାହ୍ନବୀଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ। ସେ କହିଥିଲେ, 'ଜାହ୍ନବୀ ଜଣେ ଭଲ ଅଭିନେତ୍ରୀ। ଅଭିନୟ ଦକ୍ଷତା ତାଙ୍କଠାରେ ଭରି ରହିଛି। କେବଳ ସୁଯୋଗ ମିଳିଲେ ସେ ତାହାକୁ ପ୍ରମାଣ କରିପାରିବେ। ତା' ଆକ୍ଟିଂ ଦେଖିବା ପରେ ତାକୁ କିପରି ପ୍ରଶଂସା କରିବି ଜାଣିପାରୁନାହିଁ।' ଶନାୟା ସିନା ନିର୍ଦ୍ଦେଶନାକୁ କ୍ୟାରିୟର କରିବେ ବୋଲି ସ୍ଥିର କରିଛନ୍ତି, ହେଲେ ସଞ୍ଜୟ ଚାହୁଁଛନ୍ତି ସେ ଅଭିନୟ ମଧ୍ୟ କରୁ। ଶୁଣିବାକୁ ମିଳୁଛି ଯେ ଆସନ୍ତାବର୍ଷ ଶନାୟା ଅଭିନେତ୍ରୀ ଭାବରେ ବ୍ରେକ୍ ପାଇବାକୁ ଯାଉଛନ୍ତି।

## ଇବ୍ରାହିମ୍‌ଙ୍କ ଗଡଫାଦର


ଇବ୍ରାହିମ୍-ସୈଫ୍ ଅଲ୍ଲୀ

ଖୁବ ଶୀଘ୍ର ଆଉ ଜଣେ ଷ୍ଟାର କିଡ୍ ବଲିଉଡ୍‌ରେ ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି। ଏ ନେଇ ଗତ କିଛି ମାସ ହେଲା ଚର୍ଚ୍ଚା ଚାଲିଛି। ପୁଣି ବଲିଉଡ୍‌ରେ ନାୟକ ଭାବରେ ସଫଳ ହେବାକୁ ସେ ଆଶା ବାନ୍ଧିଛନ୍ତି। ହଁ, ସେ ହେଲେ ସୈଫ ଅଲ୍ଲୀ ଖାଁଙ୍କ ପୁଅ ଇବ୍ରାହିମ ଅଲ୍ଲୀ ଖାଁ। ଏ ନେଇ ପ୍ରାରମ୍ଭିକ କାମ ଚାଲୁ ରହିଛି। ନିଜ ଚଳଚ୍ଚିତ୍ର କ୍ୟାରିୟର ବିଷୟରେ ସୂଚନା ଦେଇ ସେ କହନ୍ତି, 'ଏ ସବୁ ସମ୍ଭବ ହୋଇଛି ମୋ ଗଡ ଫାଦରଙ୍କ ପାଇଁ। ସେ ମୋତେ ପାଦେ ପାଦେ ଜଗିଛନ୍ତି ଏବଂ ଉପଦେଶ ଦେଇଛନ୍ତି। ହେଲେ ସେ କିଏ ଜାଣନ୍ତି ? ମୋ ପାପା ସୈଫ। ତାଙ୍କ ପାଇଁ ଆଜି ମୁଁ ଅଭିନେତା ହେବାକୁ ଯାଉଛି। ଏହା ପଛରେ ମୋ ଭଉଣୀ ସାରାଙ୍କ ଭୂମିକା ମଧ୍ୟ ରହିଛି। ତେବେ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୁଁ ଆଦୌ ତରତର ହେବି ନାହିଁ। ବଲିଉଡ୍‌ରେ ଦେଖି ଚାହିଁ ପାଦ ପକାଇବି।' ତେବେ ଅଭିନେତା ଭାବରେ ଇବ୍ରାହିମ୍ କେତେ ସକ୍‌ସେସ୍ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

## ଡରୁଛନ୍ତି ଜ୍ୟାକ୍‌ଲିନ୍


ଜ୍ୟାକ୍‌ଲିନ

ଜ୍ୟାକ୍‌ଲିନଙ୍କୁ ଏବେ ଭୟ ଘାରିଛି। ବିଶେଷଭାବେ ଗୋଟିଏ କଥା ଶୁଣିଲା ବେଳକୁ ତାଙ୍କର ସତେ ଯେମିତି ହୋସ୍ ଉଡିଯାଉଛି। କଥାଟି ଏମିତି କ'ଣ କି ଯାହାକୁ ନେଇ ତାଙ୍କ ମନରେ ଭୟ ସଞ୍ଚାର ହେଉଛି। ଅସଲ କଥା ହେଲା, କୌଣସି ଫିଲ୍ମର ସିକୁଏଲ୍‌ରେ ଆକ୍ଟିଂ କରିବାକୁ ଅଫର ଆସିଲେ ତାଙ୍କ ମନରେ ଛନକା ପଶିଯାଉଛି। ଦେଖୁନାହାନ୍ତି 'କିକ୍-୨' ଶୁଟିଂ ଆରମ୍ଭ ନ ହେଉଣୁ ସେ କେମିତି ନର୍ଭସ ହୋଇପଡିଲେଣି। ଏ ବିଷୟରେ ଜ୍ୟାକ୍‌ଲିନ୍ ଫର୍ନାଡିସ କହନ୍ତି, 'କୌଣସି ଫିଲ୍ମର ସିକୁଏଲ୍‌ରେ ଅଭିନୟ କରିବା ସହଜ ନୁହେଁ। କାରଣ ପ୍ରଥମ ଫିଲ୍ମଠାରୁ ଏହି ଫିଲ୍ମଟି କିପରି ଆହୁରି ଭଲ ହେବ ସେ ନେଇ ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଯୋଜନା କରିଥାଆନ୍ତି। ତାହାକୁ ତୁଲାଇବା କ'ଣ ସହଜ କଥା। 'କିକ୍-୨'ର ପ୍ରଯୋଜକ ସାଜିଦ ନାଦିଆଡୱାଲା ଏବେଠାରୁ ଜଣାଇ ଦେଲେଣି ଯେ, ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସୁନ୍ଦର ହେବ ସେଥିପାଇଁ ସମସ୍ତଙ୍କର ସହଯୋଗ ଦରକାର। ତେଣୁ କିପରି ଏହି ଦାୟିତ୍ୱକୁ ତୁଲାଇବି ସେ ନେଇ ଅଡୁଆରେ ପଡିଯାଇଛି। ଏଣିକି ସିକୁଏଲ ଫିଲ୍ମ ସାଇନ୍ କରିବା ପୂର୍ବରୁ ମୋତେ କେତେକ ବିଷୟରେ ଭଲ ଭାବରେ ଚିନ୍ତା କରିବାକୁ ପଡିବ।' 'କିକ୍-୨'ର ମେଲ୍ ଲିଡ୍‌ରେ ଅଭିନୟ କରିବେ ସଲମାନ ଖାଁ। ତେବେ ୩୩ବର୍ଷ ବୟସ୍କା ଜ୍ୟାକଲିନ୍ ଏହି ଭୂମିକାରେ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

## କ୍ରେଜି-୪


ଅଭିଷେକ


ଇଞ୍ଜିନିୟରିଂ ପାସ୍ କରିବା ପରେ ଚାକିରି ପାଇଁ ଚେଷ୍ଟା କରି ବିଫଳ ହୁଏ ଶିବା। ନିଜର ତିନିଜଣ ବନ୍ଧୁଙ୍କ ସହ ମିଶି ଜୀବନକୁ ଉପଭୋଗ କରିବାକୁ ଆପଣାଏ ଏକ ଭିନ୍ନ ଉପାୟ। ଲୋକମାନଙ୍କୁ ବୋକା ବନାଇ ସେମାନେ ମଜା ନିଅନ୍ତି। ୟା ଭିତରେ ସେ ଜଣେ ଝିଅ ପ୍ରେମରେ ପଡ଼ିଯାଏ। ଆଉ ତା'ପରେ? ଚାକିରି କରିବା ଲକ୍ଷ୍ୟରେ ଆଗେଇଥିବା ଶିବା ସେଥିରେ ସଫଳ ହୁଏ କି ? ନିଜ ପ୍ରେମକୁ ସେ କିପରି ଶେଷ ରୂପ ଦିଏ? ଏ ସବୁର ଉତ୍ତରକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'କ୍ରେଜି-୪'। ଏଥିରେ ଶିବା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅଭିଷେକ ରଥ। ଆଇ ଫୋକସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏହି ରୋମାଣ୍ଟିକ୍-କମେଡି ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଜେ. ରଞ୍ଜନ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସାମାରାଜ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ଅଭିଷେକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ସୁରମୟୀ। ଉତ୍ତମ ମହାନ୍ତି, ପିଣ୍ଟୁ ନନ୍ଦ, ମଣ୍ଟୁ, ପ୍ରଜ୍ଞା, ପ୍ରତାପ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

## ମଲ୍ଲାଇକାଙ୍କ ବ୍ୟାଚେଲର ପାର୍ଟି

ମଲ୍ଲାଇକା ଆରୋରା ଏବଂ ଅର୍ଜ୍ଜୁନ କପୁରଙ୍କୁ ଯିଏ ଯାହା କହୁ ତାଙ୍କର ଖାତିର ନାହିଁ। ପ୍ରଶଂସକଙ୍କ ଦ୍ୱାରା ସବୁଠୁ ବେଶୀ ଟ୍ରୋଲ୍ ହେଉଥିବା ଏହି ଯୋଡି ସବୁ ଶୁଣି ବି ବିନ୍‌ଦାସ୍ ବୁଲୁଛନ୍ତି। ଭ୍ୟାକେଶନ୍ ହେଉ କି ଡିନର ପାର୍ଟି, ସବୁଠି ଦୁହେଁ ହାତ ଧରାଧରି ହୋଇ ବୁଲୁଥିବାର ଦେଖିବାକୁ ମିଳୁଛି। ଚର୍ଚ୍ଚା ହେଉଥିଲା ଏପ୍ରିଲ ୧୯ରେ ଦୁହେଁ ବିବାହ କରିବେ। ହେଲେ ଏଭଳି କଥାକୁ ବୋନି କପୁର ମିଛ ବୋଲି କହିବା ପରେ ମଲ୍ଲାଇକା ମଧ୍ୟ ବିବାହ ଡେଟ୍ ମିଛ ବୋଲି ସଫେଇ ଦେଇଥିଲେ। ଏଇ ନିକଟରେ ମଲ୍ଲାଇକା ତାଙ୍କର ଗାର୍ଲ ଗ୍ୟାଙ୍ଗ ଏବଂ ପ୍ରେମିକ ଅର୍ଜ୍ଜୁନଙ୍କୁ ନେଇ ମାଳଦୀପ ଯାଇଥିଲେ। ସେଠାରେ ବ୍ୟାଚେଲର ପାର୍ଟି କରି ଏହି ଫରେନ୍ ଟୁର୍‌ର ମଜା ଉଠାଇଥିଲେ। ସେଠାରୁ ଫେରିବା ପରେ ଦୁହେଁ ସେଠାରେ ଉଠାଇଥିବା ଫଟୋଗୁଡିକୁ ସୋସିଆଲ ମିଡିଆରେ ସେୟାର କରିବାରେ ଲାଗି ପଡିଛନ୍ତି।

## ଏ ମନ ଖୋଜୁଥାଏ ଯାହା

ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଆଉ ଏପରି ଏକ ଆଶା ପୂରଣ ହେବା ପରେ ସୋନାକ୍ଷୀଙ୍କ ଖୁସି କହିଲେ ନ ସରେ। ହେଲେ କଥାଟି ଏମିତି କ'ଣ ଯେ, ଯେଉଁଥି ପାଇଁ ସେ ଖୁସିରେ ଉଚ୍ଛୁଳୁଛନ୍ତି ? ଥରେ ତାଙ୍କର 'ଡି ଜେ ୱାଲି ବାବୁ' ଏବଂ 'କର୍ ଗୟି ଚୁଲ୍' ଫେମ୍ ର୍‍ୟାପର ବାଦଶାହାଙ୍କ ସହ ଭେଟ ହୋଇଥିଲା। କିଛି ସମୟର ଆଳାପ ଭିତରେ ସେ ଫିଲ୍ମରେ ଆକ୍ଟିଂ କରିବା କଥା ଛଳରେ କହିଥିଲେ। ଆଉ ଏକଥା ଏବେ ସତ ହେବାକୁ ଯାଉଛି। ମ୍ରିଗଦୀପ ସିଂ ଲାମ୍ବାଙ୍କ ଆଗାମୀ ଅନଟାଇଟଲଡ୍ ଫିଲ୍ମରେ ବାଦଶାହା ନାୟକ ଭାବରେ ବ୍ରେକ୍ ପାଉଛନ୍ତି। ଏଥିରେ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିବେ କିଏ ଜାଣନ୍ତି ? ସୋନାକ୍ଷୀ ସିହ୍ନା। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ନବାଗତ ଶିଳ୍ପୀ ଦାସଗୁପ୍ତା। ଏଥିରେ ବାଦଶାହା ଜଣେ ଗାୟକ ଭୂମିକାରେ ଅଭିନୟ କରିବେ।


ସୋନାକ୍ଷୀ

## ଘାରିଛି ଓଜନ ଚିନ୍ତା


ନର୍ଗିସ୍ ଫକ୍ରି

ନର୍ଗିସ ଫକ୍ରି କେମିତି ନିଜ ଓଜନ କମାଇବେ ସେ ନେଇ ଚିନ୍ତାରେ ପଡିଛନ୍ତି। ନିଜର ଉଦ୍ୟମ ଅସଫଳ ହେବା ପରେ ସେ ଏବେ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ପରାମର୍ଶ କରିଛନ୍ତି। ବାସ୍, ସେ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ନିଜର ଓଜନ କମାଇବା ମିଶନ ସମ୍ପର୍କରେ ସୂଚନା ଦେଇ ନର୍ଗିସ କହନ୍ତି, 'ମୋର ଓଜନ ୟା ଭିତରେ ଟିକେ ବଢ଼ିଯାଇଛି। ତେଣୁ ତାହାକୁ କିପରି କମାଇବି ପ୍ରଥମେ ନିଜେ ଚେଷ୍ଟା କରିଥିଲି। ହେଲେ ସେଥିରୁ ଆଶାନୁରୂପ ସଫଳତା ମିଳି ନ ଥିଲା। ନିକଟରେ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଦେଖା ହେବା ପରେ ମୋର ଟେନ୍‌ସନ୍ ଦୂର ହୋଇଛି। ସେ ମୋତେ ଯାହାସବୁ କରିବାକୁ କହିଛନ୍ତି ତାହାକୁ ପାଳନ କରୁଛି।' ହେଲେ ୩୯ ବର୍ଷ ବୟସ୍କା ନର୍ଗିସ ହଠାତ୍ ଏମିତି ଓଜନ କମାଇବାକୁ ଚିନ୍ତା କଲେ କାହିଁକି ? କଥା କ'ଣ କି ଖୁବ୍ ଶୀଘ୍ର ସେ ଏକ ବିଜ୍ଞାପନରେ କାମ କରିବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କୁ ପ୍ରଥମେ ଓଜନ କମାଇବାକୁ କୁହାଯାଇଛି। କେବଳ ସେତିକି ନୁହେଁ, ତାଙ୍କ ହାତରେ ୨-୩ଟି ବଲିଉଡ୍ ଅଫର ଅଛି ବୋଲି ଶୁଣିବାକୁ ମିଳୁଛି ।

**ପ୍ରଥମ ରୋଜଗାର**

# ଦରମା ଟଙ୍କାରେ ଘରଲୋକଙ୍କ ପାଇଁ ମିଠା କିଣିଥିଲି



ଓଡ଼ିଶୀ ଓ ଗୀତଗୋବିନ୍ଦ ଗାୟିକା **ଶ୍ରୀମତୀ ଗୀତାମଞ୍ଜରୀ ବେହେରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି ଗାଁରେ ମୋର ଜନ୍ମ। ଆମେ ୫ ଭାଇଭଉଣୀ (୪ ଭଉଣୀ ଓ ଗୋଟେ ଭାଇ) ମଧ୍ୟରେ ମୁଁ ହେଉଛି ସବା ସାନ। ବାପା ସ୍ୱର୍ଗତ ଭାସ୍କର ପ୍ରତାପ ବେହେରା ଜଣେ କଳାପ୍ରେମୀ ଥିଲେ। ସେହିପରି ମୋ ବୋଉ ଶ୍ରୀମତୀ ପ୍ରମିଳା ବେହେରାଙ୍କ ସ୍ୱର ବି ବେଶ୍ ସୁମଧୁର ଥିଲା। ହୁଏ ତ ସେଥିପାଇଁ ଆମେ ସବୁ ଭଉଣୀମାନେ ଭଲ ଗୀତ ଗାଇ ପାରୁଥିଲୁ। ଏପରିକି ମୋର ଉପର ତିନି ଭଉଣୀ ଓଡ଼ିଶୀ ଗୀତ ଗାଇବା ସହ ଭଲ ନୃତ୍ୟ ବି ପରିବେଷଣ କରିପାରୁଥିଲେ। କିନ୍ତୁ ସେମାନଙ୍କର ବାହାଘର ହୋଇଯିବା ପରେ ସେମାନେ ଏହି ଲାଇନ୍‌ରୁ ଦୂରେଇ ଗଲେ। ମୋ ଜୀବନରେ ସେମିତି କିଛି ଘଟୁ, ଏ କଥା ମୁଁ କଦାପି ଚାହୁଁ ନ ଥିଲି। ସ୍କୁଲ୍ ଫଙ୍କ୍‌ସନ୍‌ରେ ଗୀତ ଗାଇ ଅନେକ ଥର ପୁରସ୍କାର ପାଇଥିଲି। କଣ୍ଠ ଭଲ ଥିବାରୁ ଗାଁରେ ବି ଯେତେବେଳେ କୌଣସି ପ୍ରୋଗ୍ରାମ୍ ଆୟୋଜନ କରାଯାଉଥିଲା, ସେଥିରେ ଗୀତ ଗାଇବା ପାଇଁ ମୋତେ କୁହାଯାଉଥିଲା। ଏପରିକି ସ୍କୁଲ୍ ତରଫରୁ ଅନେକ ଥର ଜିଲା ତଥା ରାଜ୍ୟ ସ୍ତରୀୟ ଇଣ୍ଟର ସ୍କୁଲ୍ ଗୀତ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲି, ସେ ପୁଣି ବିନା ପ୍ରଶିକ୍ଷଣରେ। ସେଥିପାଇଁ ବାପାଙ୍କର ଜଣେ ସାଙ୍ଗ ମୋତେ ଗୀତ ଲାଇନ୍‌ରେ ଶିକ୍ଷା ଦେବା ପାଇଁ ବାପାଙ୍କୁ ପରାମର୍ଶ ଦେଇଥିଲେ। ତେଣୁ ଚୂଡ଼ାମଣି ଉଚ୍ଚ ବିଦ୍ୟାଳୟରୁ ୧୯୮୬ରେ ମାଟ୍ରିକ୍ ପାସ୍ କରିବା ପରେ ବାପା ମୋ ନାଁ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଲେଖାଇଦେଲେ। ସେଠାରେ ଓଡ଼ିଶୀ ସଙ୍ଗୀତରେ ଯୁକ୍ତ ୨, ଯୁକ୍ତ ୩ ଓ ପିଜି ପଢ଼ିଲି। କଲେଜ ଫଙ୍କ୍‌ସନ୍‌ରେ ଅନେକ ଥର ଗୀତ ବି ଗାଇଥିଲି। ମୋ ସ୍ୱର ସମସ୍ତଙ୍କୁ ଖୁବ୍ ଭଲ ଲାଗୁଥିଲା। ଥରେ ଆମ କଲେଜ ଫଙ୍କସନ୍‌କୁ ବିଜୁ ପଟ୍ଟନାୟକ ଅତିଥି ହୋଇ ଆସିଥାନ୍ତି। ତାଙ୍କୁ ମୋ କଣ୍ଠସ୍ୱର ଏତେ ଭଲ ଲାଗିଥିଲା ଯେ ସେ ଖୁସିରେ ମୋତେ କଣ୍ଠ ସୁନ୍ଦରୀ ବୋଲି ଡାକିଥିଲେ, ଯାହା ମୋ ପାଇଁ ଏକ ଅଭୁଲା ସ୍ମୃତି। ତେବେ ସଙ୍ଗୀତ ମହାବିଦ୍ୟାଳୟରେ ମୋର ୩ ଜଣ ଗୁରୁ ଥିଲେ ଯଥା: ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ସ୍ୱର୍ଗତ ଭିକାରୀ ଚରଣ ବଳ ଏବଂ ଗୁରୁ ରାମହରି ଦାସ। ଗାଁରେ ଆମର ଥିଲା ଯୌଥ ପରିବାର। ଘରର ଆର୍ଥିକ ପରିସ୍ଥିତି ବି ସେତେ ସ୍ୱଚ୍ଛଳ ନ ଥିଲା। ତେଣୁ ପାଠପଢ଼ା ପାଇଁ ଘରୁ ଆଉ ପଇସା ନ ଆଣି ନିଜେ କିଛି ରୋଜଗାର କରିବା ପାଇଁ ଚିନ୍ତା କଲି। ସେଥିପାଇଁ ପିଜି ପଢ଼ା ସମୟରେ ରୁଚିକା ଉଚ୍ଚ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ ଯୋଗଦେଲି। ଏହା ହେଉଛି ୧୯୯୪ ମସିହାର କଥା। ସେତେବେଳେ ମୋତେ ପାଖାପାଖି ୧୦୦୦ ଟଙ୍କା ଦରମା ମିଳୁଥିଲା। ପ୍ରଥମ ମାସ ଦରମାରେ ଘର ଲୋକଙ୍କ ପାଇଁ ମିଠା କିଣିକି ନେଇଥିଲି। ଏହିପରି ଭାବେ ପିଜି ପଢ଼ା ସରିବା ପରେ ଆକାଶବାଣୀରେ ଓଡ଼ିଶୀ, ଛନ୍ଦ ଓ ଚମ୍ପୁରେ ଅଡିଶନ୍ ଦେଇ ବି-ଗ୍ରେଡ୍ କଣ୍ଠଶିଳ୍ପୀର ମାନ୍ୟତା ପାଇଲି। କ୍ରମେ ବି-ହାଇ ଗ୍ରେଡ୍ ଓ ଏ-ଗ୍ରେଡ୍ ବି ପାସ୍ କରିଗଲି। ଏବେ ମୁଁ ଆକାଶବାଣୀ ସହିତ ଦୂରଦର୍ଶନର ମଧ୍ୟ ଏ-ଗ୍ରେଡ୍ ସ୍ୱୀକୃତିପ୍ରାପ୍ତ ଓଡ଼ିଶୀ କଣ୍ଠଶିଳ୍ପୀ। ତା'ସହିତ ଆଜକୁ ପ୍ରାୟ ୨୨ ବର୍ଷ ହେବ ମୁଁ ପୁରୁଣା ଭୁବନେଶ୍ୱରସ୍ଥିତ ଜାଭିୟର୍ସ ହାଇସ୍କୁଲ୍‌ରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଆସୁଛି। ଅବଶ୍ୟ ୟା'ଭିତରେ ମୋତେ ଅନେକ ଭଲ ଭଲ ସ୍ଥାନରୁ କାମ କରିବାର ଅଫର୍ ଆସିଛି କିନ୍ତୁ ସଙ୍ଗୀତ କ୍ଷେତ୍ରରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାକୁ ଭୁବନେଶ୍ୱରକୁ ମୁଁ ମୋର କର୍ମକ୍ଷେତ୍ର ଭାବେ ବାଛି ନେଇଛି। ଖାସ୍‌କରି ଓଡ଼ିଶୀ ଓ ଗୀତଗୋବିନ୍ଦ ଗାଇବାରେ ମୋର ସ୍ୱତନ୍ତ୍ରତା ରହିଛି। ଯେଉଁଥିପାଇଁ ଅନେକ ବଡ଼ ବଡ଼ ପ୍ରୋଗ୍ରାମ୍‌ରେ ମୋତେ ଓଡ଼ିଶୀ ଓ ଗୀତଗୋବିନ୍ଦ ପରିବେଷଣ କରିବାକୁ ଆମନ୍ତ୍ରିତ କରାଯାଉଛି। ଏପରିକି ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ୨୦୧୬ ମସିହାରେ ଜୟଦେବଙ୍କ ଉପରେ ରିସର୍ଚ୍ଚ କରିବା ପାଇଁ ସିନିୟର୍ ଫେଲୋଶିପ୍ ବି ମିଳିସାରିଛି। ଫଳରେ କଲେଜ ପଢ଼ା ସରିବା ପରେ ମୁଁ ଯେଉଁ ଗୁରୁ ଡ. ବିଜୟ କୁମାର ଜେନାଙ୍କଠାରୁ ଓଡ଼ିଶୀ ସଙ୍ଗୀତରେ ଉଚ୍ଚଶିକ୍ଷା ଲାଭ କରୁଥିଲି, ଶେଷରେ ତାଙ୍କରି ତତ୍ତ୍ୱାବଧାନରେ ଏବେ ଜୟଦେବଙ୍କ ଉପରେ ମୋର ପିଏଚ୍‌ଡି କାମ ଆରମ୍ଭ କରିଛି। ତା'ଛଡ଼ା ୟା'ଭିତରେ ଅନେକ ଗୀତଗୋବିନ୍ଦ ଭଜନ ସିଡୀ ଓ ଓଡ଼ିଶୀ ନୃତ୍ୟରେ ମଧ୍ୟ ମୁଁ କଣ୍ଠଦାନ କରିସାରିଲିଣି। ସେହିପରି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ସେମିନାର୍‌ରେ ଯୋଗଦେବା ସହିତ ଓଡ଼ିଶୀ ଓ ଗୀତଗୋବିନ୍ଦକୁ ନେଇ ଅନେକ ଷ୍ଟେଜ ପ୍ରୋଗ୍ରାମ୍ ବି କରିସାରିଲିଣି, ଯେଉଁଥିପାଇଁ ମୋତେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନିତ ମଧ୍ୟ କରାଯାଇସାରିଲାଣି।

*-ଅମ୍ରିତା*

# ଲାଜେଇ ପ୍ରେମିକା ମଉନାବତୀ, କେବେ ହେବ ସେ ମୋ ମନର ସାଥୀ



**ପ୍ରଶ୍ନ-** ସେ ଭାରି ଲାଜେଇ। ମୋତେ ଦେଖିଲେ ହସି ଦେଉଛି। ସେହି ହସରେ ସତେ ଯେମିତି ମୁଁ ବନ୍ଧା ପଡ଼ିଯାଇଛି। ହେଲେ ସେ କେବେ ମୋ ମନର ସାଥୀ ହେବ ଜାଣିପାରୁନି। ମୋତେ କିଛି ଉପାୟ ବତାଇବେ କି ?

*-ସୁନୀତ କୁମାର, ବାଲେଶ୍ୱର*

**ଉତ୍ତର:** ଏତେ ଘଟଣା ଘଟିବା ପରେ ଆପଣଙ୍କ ପଟରୁ କିଛି ସିଗ୍‌ନାଲ ଆପଣ ଦେଇନାହାନ୍ତି ? ଯଦି ଦେଇଛନ୍ତି ସେପଟୁ କିଛି ରିପ୍ଲାଏ ପାଇଥିବେ। ସେହି ରିପ୍ଲାଏକୁ ଭଲ ଭାବରେ ଷ୍ଟଡି କରନ୍ତୁ। 'ଲାଜେଇ ପ୍ରେମିକା ମଉନାବତୀ, କେବେ ହେବ ସେ ମୋ ମନର ସାଥୀ' ବୋଲି ଖାଲି କହିଦେଲେ ହେବ ନାହିଁ। ପ୍ରେମରେ ସବୁବେଳେ ବାସ୍ତବତାକୁ ଗୁରୁତ୍ୱ ଦିଅନ୍ତୁ। ଦେଖିବେ ଯାହାକୁ ମନର ସାଥୀ କରିବେ ବୋଲି ଭାବି ହେଉଛନ୍ତି ସେ କେମିତି ଆପଣଙ୍କ ପ୍ରେମିକା ସାଜିବାକୁ ନିମିଷକ ମଧ୍ୟରେ ଆପଣଙ୍କୁ ଗ୍ରୀନ ସିଗ୍‌ନାଲ ଦେଖାଇ ଦେବ।

**ପ୍ରଶ୍ନ-** ଆଜିକାଲି ପ୍ରେମିକାମାନେ ପ୍ରେମିକଙ୍କୁ କାହିଁକି ଧୋକା ଦେଉଛନ୍ତି ?

*-ତନ୍ମୟ ସାହୁ, ବଡ଼ବିଲ*

**ଉତ୍ତର:** ଗୋଟିଏ ହାତରେ କେବେ ତାଳି ବାଜିଲାଣି ? ପ୍ରେମରେ ଧୋକାକୁ ହଜମ କରିବା ଏତେ ସହଜ ନୁହେଁ। ହେଲେ ଏଥିପାଇଁ ଯେ କେବଳ ପ୍ରେମିକା ଦାୟୀ ତାହା କହିବା କେତେଦୂର ଠିକ୍ ତାହା ପ୍ରଥମେ ଟିକେ ତର୍ଜମା କରନ୍ତୁ ନା ! ଯଦି ଆପଣ ପ୍ରେମ କରି ଧୋକା ପାଇଛନ୍ତି ତେବେ ସେପରି କାହିଁକି ହେଲା ତାହା ଟିକେ ଚିନ୍ତା କରନ୍ତୁ।

**ପ୍ରଶ୍ନ-** ଟଙ୍କା ଥିଲେ ପ୍ରେମ ଠିକ୍ ଚାଲିଥାଏ। ଏମିତି କାହିଁକି ହୁଏ ?

*-ଅଜିତ ଦାସ, ପୁରୀ*

**ଉତ୍ତର:** ଆଜିକାଲି କେତେକ ପ୍ରେମର ଅନ୍ୟନାମ ହେଉଛି ଟଙ୍କା। କାରଣ ଅଧିକାଂଶ ପ୍ରେମିକଙ୍କ ପକେଟରୁ ଟଙ୍କା ସରିଗଲେ ସେଇଠି ପ୍ରେମ ସରିଯାଏ। ଦେଖୁଦେଖୁ ପ୍ରେମ ରୂପକ ଫୁଲଟି ବାସି ହୋଇଯାଏ। ତାକୁ ନେଇ ଯେତେ ଆଶା ବାନ୍ଧିଲେ ମଧ୍ୟ ସେଥିରୁ ସୁଫଳ ମିଳି ନ ଥାଏ। ହେଲେ ଅସଲ ପ୍ରେମକୁ କଦାପି ଟଙ୍କାର ନିକିତିରେ ତଉଲନ୍ତୁ ନାହିଁ। ଯଦି ଆପଣ ଟଙ୍କାକୁ ଲକ୍ଷ୍ୟ ରଖିଛନ୍ତି ତେବେ ସେତେବେଳେ ପ୍ରେମ ମୂଲ୍ୟହୀନ ହୋଇଯାଏ। ତେଣୁ ପ୍ରେମର ଆକାଶକୁ ସବୁବେଳେ ସ୍ୱଚ୍ଛ ରଖିବାକୁ ଚେଷ୍ଟା କରନ୍ତୁ।

**ପ୍ରଶ୍ନ-** ଦୁଇଜଣ ଝିଅ ମୋତେ ଏକାଥରେ ଭଲ ପାଉଛନ୍ତି। ଜଣକୁ ଯଦି ମନା କରେ ତେବେ ତା' ମନ ଦୁଃଖ ହେବ। କ'ଣ କରିବି ଜାଣିପାରୁ ନାହିଁ।

*-ତାପସ, ବାରିପଦା, ମୟୂରଭଞ୍ଜ*

**ଉତ୍ତର:** ଏମିତିକା ପ୍ରେମ ଆରମ୍ଭରେ ଭାରି ମିଠା ଲାଗେ। ହେଲେ ଯେତେବେଳେ ପରୀକ୍ଷାର ସମୟ ଆସେ ସେତେବେଳେ ମନ ଭିତରେ ଲାଗିଥିବା ନିଆଁକୁ ଲିଭାଇବା କଷ୍ଟକର ହୋଇପଡ଼େ। ହେଲେ ଏପରି ଡବଲ୍ ପ୍ରେମିକାଙ୍କୁ ମ୍ୟାନେଜ କରି ପ୍ରେମ ଯାତ୍ରାରେ କେତେ ସକ୍‌ସେସ୍ ହେଉଛନ୍ତି ତାହା ବଡ଼ କଥା। ଡବଲ୍ ଲଭ୍ ସବୁବେଳେ ପରମାଣୁ ବୋମା ପରି। ତାହାର ବିସ୍ଫୋରଣକୁ ସହି ପାରିଲେ ହେଲା।

**ପ୍ରଶ୍ନ-** ଜଣେ ଝିଅ ପ୍ରଥମେ ମୋତେ କଣେଇ କଣେଇ ଚାହିଁ ହସୁଥିଲା। ଏବେ କ'ଣ ହୋଇଛି କେଜାଣି ଦେଖିଲା ମାତ୍ରେ ନ ଚାହିଁ ଚାଲିଯାଉଛି।

*-ପ୍ରକାଶ ଦାସ, ବେଗୁନିଆ, ଖୋର୍ଦ୍ଧା*

**ଉତ୍ତର:** ସେହି ପ୍ରେମର ପାଣିପାଗ ବୋଧେ ବଦଳି ଯାଇଛି। ତେଣୁ ସେଭଳି ରଂ ନମ୍ବରକୁ ଆଉ ଡାଏଲ କଲେ କିଛି ଲାଭ ହେବ ନାହିଁ। ନୂଆ ଜାଗାରେ ବହି ଫିଟ୍ କରିବାକୁ ଯୋଜନା କରନ୍ତୁ।

ସାଥୀ

# ୱାନ୍ ଶୋଲ୍ଡର ଟପ୍ସ

**ୱାନ୍ ଶୋଲ୍ଡର ଟପ୍ସ କୁଲ୍ ଲୁକ୍ ଦେବା ସହିତ କମ୍ଫଟେବଲ୍ ବି ଲାଗିଥାଏ। ବିଶେଷକରି ଖରାଦିନେ ଏହି ଟପ୍ସର ଚାହିଦା ଖୁବ୍ ରହିଥାଏ। ସେହିପରି ଶର୍ଟ୍ସ ଓ ଡେନିମ ସହ ଏହା ଭଲ ମାନିଥାଏ...**

ଅଫିସ୍ ହେଉ ଅବା ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ଅନେକେ ଜିନ୍ସ ଓ ଟପ୍ସ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କାରଣ ଏହା ଷ୍ଟାଇଲିଶ୍ ଲୁକ୍ ଦେବା ସହ କମ୍ଫଟେବଲ୍ ବି ଲାଗିଥାଏ। ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ଟପ୍ସ ମିଳିଲାଣି, ଯାହାକୁ ଆପଣ ଜିନ୍ସ, ସ୍କର୍ଟ କିମ୍ବା ଅନ୍ୟ ଯେକୌଣସି ଲୋୟର୍ସ ସହ ପେୟାର୍ କରି ପିନ୍ଧିପାରିବେ। ଯେମିତିକି ଟ୍ୟୁବ୍ ଟପ୍ସ, ପେପ୍ଲମ୍ ଟପ୍ସ, ଅଫ୍ ଶୋଲ୍ଡର, କୋଲ୍ଡ ଶୋଲ୍ଡର ତଥା ୱାନ୍ ଶୋଲ୍ଡର ଟପ୍ସ ଇତ୍ୟାଦି ଅନ୍ୟତମ। ତେବେ ଏଠାରେ ବିଭିନ୍ନ ଡିଜାଇନ୍‌ର ୱାନ୍ ଶୋଲ୍ଡର ଟପ୍ସ ସମ୍ପର୍କରେ ଉଲ୍ଲେଖ କରାଗଲା...

**ଷ୍ଟ୍ରାଇପ୍ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଷ୍ଟ୍ରାଇପ୍ ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ହେଉନା କାହିଁକି, ତାହାକୁ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗେ। ଖାସ୍ କରି ଏହି ପ୍ରିଣ୍ଟର ୱାନ୍ ଶୋଲ୍ଡର ଟପ୍ସ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ପିନ୍ଧିବାକୁ ସେମିତି କମ୍ଫଟେବଲ୍ ଲାଗିଥାଏ। ବିଶେଷକରି ମିଡି ସ୍କର୍ଟ କିମ୍ବା ଶର୍ଟ୍ସ ସହ ଏହି ଟପ୍ସକୁ ପେୟାର୍ କରି ପିନ୍ଧିଲେ ମଡର୍ନ ଲୁକ୍ ମିଳିଥାଏ। ସେହିପରି ଏହା ସହିତ ଆପଣ ଚାହିଁଲେ ଆଙ୍କେଲ୍ ଲେନ୍ଥ ବୁଟ୍ ବି ଟ୍ରାଏ କରିପାରିବେ।

**ବ୍ଲାକ୍ ଲେସ୍ ୱାନ୍ ଶୋଲ୍ଡର ଟପ୍ସ:** ଲେସ୍ କାମ ହୋଇଥିବା କଳା ରଙ୍ଗର ୱାନ୍ ଶୋଲ୍ଡର ଟପ୍ସକୁ ଇଭିନିଂ କିମ୍ବା ନାଇଟ୍ ପାର୍ଟିରେ ପିନ୍ଧିଲେ ଗର୍ଜିୟସ୍ ଦେଖାଯାଇଥାଏ। ଏହା ସହିତ ଫିଟେଡ୍ ଡେନିମ୍ ଓ ହିଲ୍ ବେଶ୍ ଭଲ ମାନିଥାଏ।

**ଫ୍ଲୋରାଲ୍ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଫ୍ଲୋରାଲ୍ ପ୍ରିଣ୍ଟ କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏନାହିଁ। ଖାସ୍ କରି ଖରାଦିନେ ଏହି ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ନିଜକୁ ଖୁବ୍ ଫ୍ରେଶ୍ ଲାଗେ। ତେବେ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ୱାନ୍ ଶୋଲ୍ଡର ଟପ୍ସକୁ ପ୍ଲାଜୋ ପ୍ୟାଣ୍ଟ ସହ ପେୟାର୍ କରି ପିନ୍ଧିଲେ ଲୁକ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**ଚେକ୍ସ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଚେକ୍ସ ପ୍ରିଣ୍ଟ ବାଲା ଆଉଟ୍‌ଫିଟ୍। ଏହି ପ୍ରିଣ୍ଟ ଥିବା ୱାନ୍ ଶୋଲ୍ଡର ଟପ୍ସ ବି ଯୁବତୀଙ୍କୁ ପ୍ରେଟି ଲୁକ୍ ଦେଇଥାଏ। ଖାସ୍ କରି ଆଙ୍କେଲ୍ ଲେନ୍ଥ ପ୍ୟାଣ୍ଟ ସହ ଏହି ଧରଣର ଟପ୍ସ ବେଶ୍ ଭଲ ମାନିଥାଏ।

**ରଫଲ୍ସ ୱାନ୍ ଶୋଲ୍ଡର ଟପ୍ସ:** ଆଜିକାଲି ରଫଲ୍ସ ଫ୍ୟାଶନ୍‌ର ଚଳଣି ମଧ୍ୟ ବେଶ୍ ଚାଲିଛି। ଏହାର ଟପ୍ସ ବି ଖୁବ୍ ଆକର୍ଷଣୀୟ ଲାଗିଥାଏ। ଖାସ୍ କରି ଡେନିମ୍ ସହ ଏହି ଟପ୍ସକୁ ପେୟାର୍ କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ।

**ଆନିମଲ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଆନିମଲ ପ୍ରିଣ୍ଟ ଫ୍ୟାଶନ୍‌କୁ ବି ଅନେକେ ଏଭର୍‌ଗ୍ରୀନ୍ ଫ୍ୟାଶନ୍ ବୋଲି କହିଥାନ୍ତି। ଏହି ପ୍ରିଣ୍ଟ ଥିବା ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗିଥାଏ। ବିଶେଷକରି ଏହି ପ୍ରିଣ୍ଟର ୱାନ୍ ଶୋଲ୍ଡର ଟପ୍ସକୁ ଜିନ୍ସ କିମ୍ବା ଶର୍ଟ୍ସ ସହ ପେୟାର୍ କରି ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।










ନିଶା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ- କମଲ୍ ଶତପଥୀ

# ହାଃ ହାଃ

## ପୂଜାରୀ

ମିନା ପପୁକୁ- ଅଧିକାଂଶ ମନ୍ଦିରରେ ପୁରୁଷମାନେ ପୂଜକ କାହିଁକି ହୁଅନ୍ତି କହିଲୁ ?
ପପୁ- ଭେରି ସିମ୍ପଲ୍, ଧ୍ୟାନ କେବଳ ଭଗବାନଙ୍କ ଉପରେ ରହିବା ପାଇଁ... ।

## ଚା'

ସ୍ୱାମୀ ସ୍ତ୍ରୀକୁ- ଚାଲୁନ ଆଜି ଚା' ବାହାରେ ପିଇବା ।
ସ୍ତ୍ରୀ- କାହିଁକି ? ତମକୁ କ'ଣ ଲାଗୁଛି ମୁଁ ଚା' କରି କରି ଥକି ଗଲିଣି ।
ସ୍ୱାମୀ- ନା । ମୁଁ କପ୍, ପ୍ଲେଟ୍ ଧୋଇ ଧୋଇ ବିରକ୍ତ ହୋଇଗଲିଣି ।

## ରବ୍

ରାଜୁ ସିଲାକୁ- ତୁମ୍ଭେ ରବ୍ ଦିଶୁଥା ହେ, ଯାରା ମେଁ କ୍ୟା କରୁଁ...
ସିଲା- ଶୀଘ୍ର ଦର୍ଶନ କରେ, ଦକ୍ଷିଣା ଦେ, ଆଉ ପଳା । କାହିଁକି ନା ଆହୁରି ଅନେକ ଭକ୍ତ ଲାଇନ୍‌ରେ ଅଛନ୍ତି ।








## ଐତିହାସିକ ସହର

# ପାଟନ



ଗୁଜରାଟସ୍ଥିତ ପାଟନ ହେଉଛି ଏମିତି ଏକ ସହର, ଯାହାର ସ୍ଥାପନା ୭୪୫ ଖ୍ରୀଷ୍ଟାବ୍ଦରେ କରାଯାଇଥିଲା। ଏହାକୁ କେହି କେହି ପାଟଣ ବୋଲି ବି କହନ୍ତି । ତତ୍କାଳୀନ ରାଜା ବନରାଜ ଛାୱଡ଼ାଙ୍କ ଦ୍ୱାରା ନିର୍ମିତ ଏହି ପୁରାତନ ଐତିହାସିକ ସହର ନିଜର ପ୍ରାକୃତିକ ବୈଭବ ଓ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ବିଶେଷକରି ଇତିହାସ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଖାସ୍ ସ୍ଥାନ ...

### କେବେ ଯିବେ

ପାଟନ ବୁଲିଯିବା ପାଇଁ ସେପ୍ଟେମ୍ବରରୁ ଫେବୃୟାରୀ ହେଉଛି ସବୁଠୁ ଭଲ ସମୟ । କାରଣ ଏହି ସମୟରେ ଏଠାକାର ତାପମାତ୍ରା ପ୍ରାୟ ୧୫ ଡିଗ୍ରୀରୁ ୨୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ । ଯଦ୍ଦ୍ୱାରା ଏହି ସମୟରେ ଗଲେ ନା ବେଶି ଗରମ ଲାଗେ ନା ବେଶି ଥଣ୍ଡା ଅନୁଭବ ହୁଏ । କେହି କେହି ପର୍ଯ୍ୟଟକ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ବି ଏଠାକୁ ଯାଉଥିବା ନଜର ରହିଛି ।

### କେମିତି ଯିବେ

ପାଟନ ଯିବା ପାଇଁ ନିକଟତମ ବିମାନବନ୍ଦର ହେଉଛି ଅହମ୍ମଦାବାଦ୍‌ସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଯାହା ଏହି ଐତିହାସିକ ସହରଠାରୁ ପ୍ରାୟ ୧୨୦ କି.ମି ଦୂରରେ ଅବସ୍ଥିତ । ସେହିପରି ଅହମ୍ମଦାବାଦ୍ ରେଲଷ୍ଟେଶନ ହେଉଛି ଏଠାକାର ନିକଟତମ ମୁଖ୍ୟ ରେଲଷ୍ଟେଶନ, ଯାହା ପାଟନ ସହରଠାରୁ ପ୍ରାୟ ୧୦୮ କି.ମି ଦୂରରେ ଅବସ୍ଥିତ ଏବଂ ଏହି ରେଲଷ୍ଟେଶନକୁ ଦେଶର ବହୁ ପ୍ରମୁଖ ସ୍ଥାନରୁ ସିଧାସଳଖ ଟ୍ରେନ୍ ଚଳାଚଳ କରିଥାଏ । ତା'ଛଡ଼ା ବସ୍ ଯୋଗେ ବି ପାଟନ ବୁଲିବାକୁ ଯାଇହେବ । ଦେଶର ବିଭିନ୍ନ ସ୍ଥାନରୁ ନିୟମିତ ବ୍ୟବଧାନରେ ଏଠାକୁ ଟୁରିଷ୍ଟ ବସ୍ ଯା'ଆସ କରିଥାଏ ।

### କ'ଣ ଦେଖିବେ

ପାଟନରେ ଦେଖିବା ପାଇଁ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ରହିଛି । ଖାସ୍ କରି ରାନି କି ଭାଭ୍, ସହସ୍ରାଲିଙ୍ଗ ଟ୍ୟାଙ୍କ, ଆନନ୍ଦ ସରୋବର, ଖାନ୍ ସରୋବର ହେଉଛି ଏଠାକାର କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ।

**ରାନି କି ଭାଭ୍:** ଏହା ପାଟନସ୍ଥିତ ଏକ ପ୍ରସିଦ୍ଧ ତଥା ଆକର୍ଷଣୀୟ ଷ୍ଟେପୱେଲ୍ । ସରସ୍ୱତୀ ନଦୀର ତଟଦେଶରେ ଏହାର ନିର୍ମାଣ କରାଯାଇଛି । ରାଣୀ ଉଦୟମତୀଙ୍କ ଦ୍ୱାରା ନିର୍ମିତ ଏହି ଷ୍ଟେପୱେଲ୍‌ର କାରୁକାର୍ଯ୍ୟ ଖୁବ୍ ମନଲୋଭା । ଖାସ୍ ସେଥିପାଇଁ ଏହାକୁ ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ସାଇଟ୍ସ ଲିଷ୍ଟରେ ସାମିଲ କରାଯାଇଥିବା ସୂଚନା ରହିଛି ।

**ସହସ୍ରାଲିଙ୍ଗ ଟ୍ୟାଙ୍କ:** ଏହାକୁ ମଧ୍ୟ ସରସ୍ୱତୀ ନଦୀର ତଟଦେଶରେ କୃତ୍ରିମ ଉପାୟରେ ନିର୍ମାଣ କରାଯାଇଥିଲା । ଏହି ଟ୍ୟାଙ୍କର ଆକର୍ଷଣୀୟ କାରୁକାର୍ଯ୍ୟ ଏବେ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ ।

**ଖାନ୍ ସରୋବର:** ଏହା ମଧ୍ୟ ପାଟନସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ଏକ ବିଶାଳ କ୍ଷେତ୍ର ଉପରେ ଗଢି ଉଠିଥିବା ଏହି ଜଳାଶୟର ଶାନ୍ତ ପରିବେଶରେ କିଛି ସମୟ କଟାଇବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି ।

**ଧାର୍ମିକ ପର୍ଯ୍ୟଟନସ୍ଥଳୀ:** ପାଟନ ସହରରେ ଏକାଧିକ ଜୈନ ମନ୍ଦିର ଥିବାର ଦେଖିବାକୁ ମିଳିଥାଏ । ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା କଲ୍‌କା ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର, ପୁରୁଣା ମହାଲକ୍ଷ୍ମୀ ମନ୍ଦିର, ହିଙ୍ଗରାଜ୍ ମନ୍ଦିର, ଗାୟତ୍ରୀ ମନ୍ଦିର, ଜଲାରାମ ମନ୍ଦିର, ସାଇବାବା ମନ୍ଦିର, ପଦ୍ମନାଭ ମନ୍ଦିର, ଅମ୍ବାଜୀ ମନ୍ଦିର, ଜ୍ୱାଳାମୁଖୀ ମନ୍ଦିର, ରାମଜୀ ମନ୍ଦିର ଇତ୍ୟାଦିକୁ ମଧ୍ୟ ଦର୍ଶନ ପାଇଁ ଯାଇପାରିବେ ।

### ପଟୋଲା ଶାଢ଼ିର ଚାହିଦା

ଏହା ଏକ ପ୍ରକାର ହ୍ୟାଣ୍ଡଲୁମ୍ ଶାଢି, ଯାହା କେବଳ ଗୁଜରାଟର ପାଟନଠାରେ ହିଁ ତିଆରି କରାଯାଇଥାଏ । ଗୋଟିଏ ପଟୋଲା ଶାଢ଼ି ତିଆରି କରିବା ପାଇଁ ପ୍ରାୟ ମାସେ ସମୟ ଲାଗେ । ଯଦି ଶାଢ଼ିରେ କିଛି ଖାସ୍ ଡିଜାଇନ୍ କରିବାର ଥାଏ, ତା'ହେଲେ ତ ସମୟ ଆହୁରି ବଢ଼ିଯାଏ । ତା'ଛଡ଼ା ଏହି ଶାଢ଼ିରେ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ । ସେଥିପାଇଁ ଏହି ଶାଢ଼ିର ଦାମ୍ ଟିକେ ଅଧିକ ଥାଏ ।








# ଛଅଗୋଡ଼ିଆ ରୋବୋ

ଅନେକଙ୍କର ଇଚ୍ଛା ଥାଏ ଯେ ତାଙ୍କ ପାଖରେ ବି ଏକ ରୋବୋ ଥାଆନ୍ତା କି! ଯିଏ ତାଙ୍କ ନିର୍ଦ୍ଦେଶ ଅନୁସାରେ ସବୁ କାମ କରିଦିଅନ୍ତା। ଏଇ ଇଚ୍ଛା ୱିଞ୍ଚେଷ୍ଟର୍‌ର ଇଞ୍ଜିନିୟର୍ ମାଟ୍ ଡେଣ୍ଟୋନ୍‌ଙ୍କର ବି ଥିଲା। ଆଉ ଯେବେ ସେ ଷ୍ଟାର୍ ୱାର୍ସ ଦେଖିଲେ ଏହି ଇଚ୍ଛା ଅଧିକ ବଢ଼ିଗଲା। ଘରେ ତିଆରି କଲେ ଛଅ ଗୋଡ଼ ବିଶିଷ୍ଟ ଏକ ବିରାଟକାୟ ରୋବୋ। ବିଶାଳ ହେବା ସହ ଏହି ରୋବୋ ଚାଲିପାରେ ମଧ୍ୟ। ରୋବୋଟି ୯ଫୁଟ ୨ଇଞ୍ଚ x୧୬ ଫୁଟ୍ ୬ ଇଞ୍ଚର ଅଟେ। ଓଜନ ୧୯୦୦ କି.ଗ୍ରା. ଏବଂ ଘଣ୍ଟାକୁ ୬ ମିଟର ଗତି କରିପାରେ। ଏଥିରେ ଥିବା କକ୍‌ପିଟ୍‌ରେ ବସି ଡ୍ରାଇଭର ଏହାକୁ ଚଳାଇପାରିବେ। ଅଥବା ରିମୋଟ୍ କଣ୍ଟ୍ରୋଲ୍‌ରେ ବି ଏହାକୁ ଚଳାଯାଇପାରେ। ଏହି ଦୈତ୍ୟାକାର ରୋବୋ ବର୍ତ୍ତମାନ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସବୁଠୁ ବଡ଼ ରୋବୋ ଭାବେ ସ୍ଥାନ ପାଇଛି।





## କାର୍ଟୁନ କର୍ନର



# ଭଉଣୀ ବାହାଘର ଦେଖିବା ବୋଧେ ମୋ ଭାଗ୍ୟରେ ନ ଥିଲା

ଯାତ୍ରା ଜଗତରେ କିଶୋର ସାହୁ ଜଣେ ଜଣାଶୁଣା କଳାକାର। ପୁଣି ଟ୍ରାଜେଡି ଆର୍ଟିଷ୍ଟ ଭାବେ ତାଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚୟ। ଚରିତ୍ରକୁ ବୁଝି, ତା' ଭିତରେ ନିଜକୁ ସାମିଲ କରି ଦର୍ଶକଙ୍କ ଆଗରେ ଉପସ୍ଥାପନ କରିବା, ପୁଣି ଦର୍ଶକଙ୍କୁ ବିଭୋର କରି ରାତିସାରା କନ୍ଦେଇବାରେ ବେଶ୍ ମାହିର କିଶୋର। ଏହା ସିନା ମଞ୍ଚ ଉପରର କଥା। ହେଲେ ମଞ୍ଚତଳେ ଜଣେ ବେଶ୍ ଖୁସ୍ ମିଜାଜି ତଥା ମେଳାପି ମଣିଷ ହେଉଛନ୍ତି ଏହି ଯୁବକ। ତେବେ ଯାତ୍ରାକୁ ଆସିବା ପରେ ତଥା ଯାତ୍ରାକୁ ନିଜର ଜୀବନ କରିନେବା ପରେ ତାଙ୍କ ବାସ୍ତବ ଜୀବନରେ ଏମିତି କିଛି ଘଟଣା ଘଟିଛି ଯାହା ମଞ୍ଚ ଉପରର ଟ୍ରାଜେଡି ଠାରୁ ବି ବଳିଯାଇଛି। କିଶୋର କହନ୍ତି, 'ଯାତ୍ରାରୁ କରତାଳି ପାଇଛି। ସମ୍ମାନ ପାଇଛି। ପ୍ରତିଷ୍ଠା ପାଇଛି। ହେଲେ ଘରର ହସଖୁସିରେ ନିଜକୁ ସାମିଲ କରିପାରିନାହିଁ।' ତାଙ୍କର ଦୁଇଭଉଣୀ। ଜଣେ ତାଙ୍କ ନିଜ ଭଉଣୀ ଆଉ ଜଣେ ତାଙ୍କର ବଡ଼ବାପା ଝିଅ ଭଉଣୀ। କିଶୋରଙ୍କର ସେମାନେ ଭାରି ପ୍ରିୟ। ସେମାନେ ବି କିଶୋରଙ୍କୁ ଜୀବନ ଠୁ ବଳି ବେଶି ଭଲପାଆନ୍ତି। ପ୍ରଥମେ ବଡ଼ବାପା ଝିଅ ଭଉଣୀର ବାହାଘର ହେଲା। ସେ ସେତେବେଳେ ଶକ୍ତିମୟୀ ଲୋକନାଟ୍ୟରେ ଅଭିନୟ କରୁଥାନ୍ତି। ପାର୍ଟି ପଡ଼ିଥାଏ ଟାଟା ମାଇନ୍ସରେ। ବହୁତ ଅନୁରୋଧ କଲେ ଘରକୁ ଯିବେ। ଭଉଣୀର ବାହାଘରଠୁ ବଳି ବଡ଼ ଖୁସିର ପର୍ବ ଜଣେ ଭାଇ ପାଇଁ ଆଉ କ'ଣ ଥାଇପାରେ। ହେଲେ ନା, ସେ ଯେଉଁ ଭୂମିକାରେ ଅଭିନୟ କରୁଥିଲେ ସେହି ଭୂମିକାରେ ଅଭିନୟ କରିବା ପାଇଁ ପାର୍ଟି ନିକଟରେ କୌଣସି ବିକଳ୍ପ ନ ଥିଲା। ସେଥିଲାଗି ବାଧହୋଇ କିଶୋରଙ୍କୁ ରହିବାକୁ ପଡ଼ିଲା। ମଞ୍ଚରେ ଯାଇ ଅଭିନୟ କରୁଥାନ୍ତି। ପୁଣି ମଞ୍ଚତଳକୁ ଆସି କାନ୍ଦୁଥାନ୍ତି। କାରଣ ତାଙ୍କର ମନେ ପଡ଼ିଯାଉଥାଏ ଯେ, ଭଉଣୀର ବର ଆସୁଥିବ। ବାଜା ବାଜୁଥିବ। ବାଣ ଫୁଟୁଥିବ। କିଶୋର କହନ୍ତି, କେବଳ ଏଇ ବଡ଼ବାପା ଝିଅ ଭଉଣୀ ନୁହେଁ, ତାଙ୍କ ନିଜ ଭଉଣୀ ବାହାଘରକୁ ମଧ୍ୟ ସେ ଆସିପାରିଲେ ନାହିଁ। ସେ ତାରିଣୀ ଗଣନାଟ୍ୟରେ ଅଭିନୟ କରୁଥାନ୍ତି। ପାର୍ଟି କେନ୍ଦୁଝରରେ ପଡ଼ିଥାଏ। କେବଳ ଦିନରେ ଆସି ବରଧରା କାମ ସାରି ଫେରିଗଲେ। ନିଜ ଭଉଣୀର ବାହାଘର ମଧ୍ୟ ସେ ଦେଖିପାରିଲେ ନାହିଁ। ସତେ ଯେମିତି ତାଙ୍କର ଗେହ୍ଲି ଭଉଣୀମାନଙ୍କର ବାହାଘର ଦେଖିବା, ସେମାନଙ୍କ ମଥାର ନୋଳମୁକୁଟ ଦେଖି ଖୁସି ହେବା ତାଙ୍କ ଭାଗ୍ୟରେ ନ ଥିଲା। ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝାଡ଼ି ଗ୍ରାମର କିଶୋରଙ୍କ ମତରେ ଜଣେ କଳାକାର ପାଇଁ ଏସବୁ ଅତି ମାମୁଲି କଥା। ଦର୍ଶକଙ୍କ କରତାଳି, ବାହାବା ଦେଖିଲେ ସବୁ ଭୁଲି ହୋଇଯାଏ। ତଥାପି ବେଳେବେଳେ ମନେପଡ଼ିଗଲେ ଭାରି କଷ୍ଟ ହୁଏ।



କିଶୋର

# ଅଭିନୟ ପାଇଁ ଚାକିରି ଛାଡ଼ିଲେ

ଅଭିନୟ ଏକ ଏମିତି ନିଶା ଯାହା ଥରେ ଚଢ଼ିଗଲେ ଆଉ ମୁଣ୍ଡରୁ ଓହ୍ଲାଏନା। ଏଇ ଯେମିତି ଅଭିନେତା ସୌମ୍ୟ ; ଯିଏ ଯାତ୍ରା ଜଗତରେ ବାବୁସାନ୍ ଭାବେ ପରିଚିତ। ଅଭିନୟ ପ୍ରେମରେ ଏମିତି ପଡ଼ିଗଲେ ଯେ, ଓପିସିଏଲ୍‌ରୁ ଆସିଥିବା ଚାକିରିକୁ ବି ପ୍ରତ୍ୟାଖ୍ୟାନ କରିଦେଲେ। ଏବେ ତାଙ୍କର ନିଶା ଓ ପେସା ଉଭୟ ହେଉଛି ଅଭିନୟ। ଯାତ୍ରା ଇନ୍ଦ୍ର ମହଲରେ ଅଭିନୟ ଜାରି ରଖିଥିବା ସୌମ୍ୟ ଓରଫ୍ ସୌମ୍ୟ ରଞ୍ଜନ ମିଶ୍ରଙ୍କ ଘର ଯାଜପୁର ଜିଲାର ଗଣେଶ୍ୱରପୁର ଗ୍ରାମରେ। ବାପା ବାସୁଦେବ ମିଶ୍ର ଓ ମା' ସଂଯୁକ୍ତା ମିଶ୍ରଙ୍କର ସେ ବଡ଼ପୁଅ। ପିଲାଟି ବେଳୁ ଯାତ୍ରା, ଫିଲ୍ମ ଦେଖିବାକୁ ଭଲପାଉଥିଲେ। ମାତ୍ର କେବେ ଅଭିନୟ କରି ନ ଥିଲେ। ଯାଜପୁର ଜିଲା ସ୍କୁଲରେ ପଢୁଥିବା ବେଳର ଘଟଣା। ଜିଲାର ବାର୍ଷିକୋତ୍ସବ ପାଇଁ ଆୟୋଜନ କରାଯାଉଥାଏ। ସୌମ୍ୟ ସେଥିରେ ସାମିଲ ହେଲେ। ଆଉ ନିଜର ସହପାଠୀମାନଙ୍କୁ ନେଇ ଏକ ଚାଳିଶ ମିନିଟ୍‌ର ନାଟକ ପ୍ରସ୍ତୁତ କଲେ। ଅତିଥି ଭାବେ ଆସିଥାନ୍ତି ଓଲିଉଡ୍‌ର ଦିବଂଗତ କଳାକାର ଦେବୁ ବୋଷ। ନାଟକଟି ଅନୁଷ୍ଠିତ ହେଲା। ନାଟକ ଦେଖି ଦେବୁ ବୋଷ ଭାରି ଖୁସି ହୋଇଗଲେ। ଆଉ ସୌମ୍ୟଙ୍କୁ ପାଖକୁ ଡାକି କହିଲେ, ତୁମ ଭିତରେ ଅଭିନୟ ଅଛି। ତୁମେ ଚାହିଁଲେ ଜଣେ କଳାକାର ହୋଇପାରିବ। ଗୋଟେ କାମ କର, ତୁମେ ଭୁବନେଶ୍ୱର ଯାଇ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଅ। ଦେବୁ ବୋଷଙ୍କ ଠାରୁ ପ୍ରଶଂସା ପାଇବା ପରେ ତଥା ତାଙ୍କ ପରାମର୍ଶ ଶୁଣିବା ପରେ ସୌମ୍ୟ ମଧ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇବାକୁ ଆଗ୍ରହ ପ୍ରକାଶକଲେ। ମାତ୍ର ଘରେ ସପୋର୍ଟ କଲେନି। କହିଲେ ପାଠପଢ଼ି ଚାକିରି କର। ଅନ୍ତତଃ ଭଲରେ ରହି ପରିବାର ଚଳେଇ ପାରିବୁ। ସୌମ୍ୟଙ୍କର କିଛି କରିବାର ନ ଥିଲା। ପାଠ ପଢ଼ିଲେ। ସିଧାସଳଖ କଟକ ଚାଲି ଆସିଲେ ନିଜର ଭାଗ୍ୟ ପରୀକ୍ଷା କରିବାକୁ। ହେଲେ ନା ବ୍ୟାଙ୍କ ନା ଗଡ୍ ଫାଦର! ଷ୍ଟ୍ରଗଲ ସମୟ କିଛି କମ୍ କଷ୍ଟଦାୟକ ନ ଥିଲା ସୌମ୍ୟଙ୍କ ପାଇଁ। ଶେଷକୁ କିଛି ଆଲବମ୍ ମିଳିଲା। ତତେ ଭଲ ପାଇଗଲି ମୁଁ, ସାଥୀ ତୁ ସାତ ଜନମର, ଆରେ ଆ ମୋର ସପନ ବଣିକ ଭଳି ଆଲବମ୍‌ରେ ଅଭିନୟ କଲେ ସୌମ୍ୟ। ପୁଣି ତାଙ୍କ ହାତକୁ ଆସିଲା ଦୁଇଟା ଧାରାବାହିକ : ଚାନ୍ଦ ନା ତୁମେ ତାରା ଏବଂ ଆଶାର ଆକାଶ। ସୌମ୍ୟ ଭାବିଥିଲେ ଅଭିନୟର ଗାଡ଼ି ଠିକ୍‌ଠାକ୍ ଚାଲିବ। ମାତ୍ର ସେତିକିବେଳେ ବାପା କହିଲେ, ଅଭିନୟ ଢେର ହେଲା। ଏବେ ପ୍ରଫେଶନାଲ କୋର୍ସ କର। ବାଧ ହୋଇ ସୌମ୍ୟ ଫେରିଲେ। ଇଲେକ୍ଟ୍ରିକାଲ୍‌ରେ ଡିପ୍ଲୋମା କୋର୍ସ କଲେ। ପ୍ରାୟ ଦୁଇବର୍ଷ ପରେ ପୁଣିଥରେ ଫେରିଲେ ଅଭିନୟ ଦୁନିଆକୁ। ମାତ୍ର ଦୁଇବର୍ଷର ବ୍ୟବଧାନ ତାଙ୍କ ପାଇଁ ମହଙ୍ଗା ପଡ଼ିଲା। ତାଙ୍କୁ ଆଉ କୌଣସି କାମ ମିଳିଲା ନାହିଁ। ୨୦୧୮ରେ ଭାଗ୍ୟ ତାଙ୍କ ପ୍ରତି ଅନୁକୂଳ ହେଲା। ଇନ୍ଦ୍ରଭୁବନ ପାର୍ଟିର ପରିଚାଳକ ମନୋଜ ନାୟକ ତାଙ୍କୁ ଅନୁଷ୍ଠାନରେ ଯୋଗଦେବାକୁ ପ୍ରସ୍ତାବ ଦେଲେ। କାଳବିଳମ୍ବ ନ କରି 'ଇନ୍ଦ୍ରଭୁବନ'ରେ ଯୋଗଦେଲେ ସୌମ୍ୟ। ଏଇଠୁ ଆରମ୍ଭ ହେଲା ସୌମ୍ୟଙ୍କ ଯାତ୍ରା ଜୀବନ। ଇନ୍ଦ୍ରଭୁବନରେ ସେ 'ଏମିତି ଝିଅକୁ ବାହା ହବା ମନା' ଏବଂ 'ଶାର୍ଟ ହଜିଛି ସନାଦାସର' ନାଟକରେ ଅଭିନୟ କଲେ। 'ଏମିତି ଝିଅକୁ ବାହାହବା ମନା'ରେ ତାଙ୍କୁ ମିଳିଲା ଦର୍ଶକୀୟ ସ୍ୱୀକୃତି। ସେହି ନାଟକ ଦେଖିବା ପରେ ନୂଆକରି ଗଢ଼ି ଉଠୁଥିବା ଯାତ୍ରାନୁଷ୍ଠାନ 'ଇନ୍ଦ୍ରମହଲ' ଲାଗି ତାଙ୍କୁ ଚୁକ୍ତି କରାଗଲା। ସମ୍ପ୍ରତି 'ଇନ୍ଦ୍ରମହଲ'ରେ ସୌମ୍ୟ ଅଭିନୟ କରୁଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ବଡ଼ଲୋକକୁ ଉତ୍ତର ନାହିଁ', 'ଗଙ୍ଗା ପାପକଲେ ଧୋଇବ କିଏ' ଏବଂ 'ଉର୍ବଶୀ ଆସିଛି ଇନ୍ଦ୍ରମହଲ'। ସୌମ୍ୟ କେବଳ ନିଜକୁ ଯାତ୍ରାରେ ସୀମିତ ରଖିନାହାନ୍ତି। ଏବେ ବି ମ୍ୟୁଜିକ୍ ଆଲବମ୍‌ରେ ଅଭିନୟ କରୁଛନ୍ତି। ଖୁବ୍‌ଶୀଘ୍ର ସେ ତାଙ୍କର ଫ୍ୟାନ୍‌ମାନଙ୍କୁ ଏକ ସୁପରହିଟ ମ୍ୟୁଜିକ୍ ଆଲବମ୍ ଉପହାର ଦେବେ ବୋଲି କହନ୍ତି ସୌମ୍ୟ।



ସୌମ୍ୟ

# ମଣିଷ ମୁଣ୍ଡରେ ଶିଙ୍ଗ

ଦେଖିବାକୁ କିମ୍ବା ଶୁଣିବାକୁ କଥାଟା ଅସଙ୍ଗତ ଲାଗୁଥାଇପାରେ। ମାତ୍ର ଏହା ହେଉଛି ସତ। ଏହି ବର୍ଷିୟସୀ ମହିଳାଙ୍କ ମୁଣ୍ଡରେ ଗୋଟିଏ ଶିଙ୍ଗ ଉଠିଛି। ତାହାକୁ କେହି ପ୍ରତିରୋପଣ କରିନାହିଁ। କିମ୍ବା ଅଠା ଦେଇ ମୁଣ୍ଡରେ ଶିଙ୍ଗଟିକୁ ଲଗେଇ ଦିଆଯାଇନାହିଁ। ଏହି ବର୍ଷିୟସୀ ମହିଳା ଜଣକ ହେଉଛନ୍ତି ଚାଇନାର ଅଧିବାସୀ। ତାଙ୍କର ବୟସ ଶହେବର୍ଷ ଟପି ସାରିଲାଣି। ତେବେ କେଉଁ କାରଣ ପାଇଁ ତାଙ୍କ ମୁଣ୍ଡରେ ଗୋଟିଏ ଶିଙ୍ଗ ଉଠିଛି ତାହା ଜଣାପଡ଼ିନାହିଁ। ସାଧାରଣତଃ ପଶୁଙ୍କ ମୁଣ୍ଡରେ ଶିଙ୍ଗ ଉଠିଥାଏ। ମଣିଷଙ୍କ ଦେହରେ ଭାତୁଡ଼ି ଭଳି କିଛି ମାଂସଳ ପଦାର୍ଥ ସୃଷ୍ଟି ହୋଇଥାଏ। ମାତ୍ର ଏହି ମହିଳାଙ୍କ କ୍ଷେତ୍ରରେ ଉଠିଥିବା ଶିଙ୍ଗଟି ବଢ଼ି ଯାଇଥିବା ମାଂସପେଶୀ ନୁହେଁ। ହୁଏତ କପାଳରୁ ଅସ୍ଥି କୌଣସି କାରଣରୁ ବୃଦ୍ଧି ପାଇ ତାହା ଶିଙ୍ଗାକୃତି ଧାରଣ କରିଛି ବୋଲି ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି।



ବ୍ୟାକ୍ ପେଜ୍



# ବାଲାନ୍ସ କୁଇନ୍ ବିଲେଇ ରାଣୀ

ପୋଷା ବିଲେଇ ଭାରି ଗେହ୍ଲା। କୋଳରେ ପଶେ, ଗେଲେଇ ହୁଏ। ଘରେ ଭଲମନ୍ଦ ଖାଇ ଆରାମ କରେ। ହେଲେ ମାଲେସିଆର ଏକ ପୋଷା ବିଲେଇ ଅନ୍ୟ ବିଲେଇଙ୍କଠାରୁ ଭିନ୍ନ। ସେ ବାଲାନ୍ସିଂ ଟ୍ରିକ୍ ବା ସନ୍ତୁଳନ ରକ୍ଷା କରିବାରେ ବେଶ୍ ମାହିର। ଏମିତି କି ସେ ଏଥିରେ ବିଶ୍ୱ ରେକର୍ଡ ବି କରିଛି। ନାଁଟି ତା'ର ବିବି। ଧଳା ରଙ୍ଗର ଏହି ସୁନ୍ଦର ବିଲେଇଟି ୨୦୧୭ରେ ନିଜର କୁନି କୁନି ପଞ୍ଝାରେ ଗୋଟିକ ଉପରେ ଗୋଟିଏ କରି ୧୦ଟି ଡାଇସ୍ ବା ଲୁଡୋ ଗୋଟିକୁ ପ୍ରାୟ ୩ ସେକେଣ୍ଡ ପର୍ଯ୍ୟନ୍ତ ସନ୍ତୁଳନ ରକ୍ଷା କରି ଧରି ପାରିଥିଲା। ଫଳରେ ଗିନିଜ୍ ୱାର୍ଲଡ ରେକର୍ଡରେ ରହିଗଲା ତା' ନାଁ। ତା'ର ମାଲିକ ସିଉ ଲିଆନ୍ ଚୁଇ ଯେତେବେଳେ ବିବି ପଞ୍ଝାରେ ଗୋଟିକ ଉପରେ ଗୋଟିଏ ଡାଇସ୍ ରଖୁଥିଲେ ବିବି ଆଦୌ ବିଚଳିତ ହେଉ ନ ଥିଲା। ବେଶ୍ ଆରାମ୍‌ରେ ସେ ସେଗୁଡିକୁ ସନ୍ତୁଳନ ରକ୍ଷା କରି ଧରୁଥିଲା। ଆହୁରି ମଧ୍ୟ ବିବି ଗୋଟିଏ ପଞ୍ଝାରେ ଡାଇସ୍ ଓ ଅନ୍ୟ ପଞ୍ଝାରେ ସୁନ୍ଦରଭାବରେ ସଜାଯାଇଥିବା ୧୩ଟି ତାସ୍‌କୁ ବାଲାନ୍ସ କରି ଧରିପାରେ। ତେଣୁ ତା'ର ମାଲିକ ତାକୁ ନେଇ ବେଶ୍ ଗର୍ବିତ।

# ୮୨ ବର୍ଷୀୟା ଡିଜେ କମ୍ କୁକ୍

ଦିନ ତାଙ୍କର ବିତେ ପାରିବାରିକ ଗ୍ୟୋଜା ରେଷ୍ଟୁରାଣ୍ଟରେ ରୋଷେଇ କରିବା ଓ ଗ୍ରାହକଙ୍କୁ ପରଷିବାରେ। ହେଲେ ରାତିରେ ବଦଳିଯାଏ ତାଙ୍କର ବେଶଭୂଷା ଓ ଷ୍ଟାଇଲ୍। ପିନ୍ଧନ୍ତି ଚକଚକିଆ ପୋଷାକ। ଆଖିରେ ଲଗାନ୍ତି ସନ୍‌ଗ୍ଲାସ୍ ଓ ଓଠରେ ଗାଢ଼ ଲାଲ୍ ଲିପ୍‌ଷ୍ଟିକ୍। ଆଉ ଟୋକିଓ, ସିନ୍‌ଝୁକୁ ଜିଲା ଅନ୍ତର୍ଗତ କାବୁକିଚୋଷ୍ଠ ଏକ ଡ୍ୟାନ୍ସ କ୍ଲବ୍‌ରେ ସାଜନ୍ତି ଡିଜେ। ତାଙ୍କର ପ୍ରକୃତ ନାମ ହେଉଛି ସୁମିକୋ ଇୱାମୁରୋ। ହେଲେ ଡିଜେ ଫ୍ଲୋର୍‌ରେ ସମସ୍ତଙ୍କ ପାଇଁ ସେ ଡିଜେ ସୁମିରକ୍। ବୟସ ୮୨ ବର୍ଷରୁ ଉର୍ଦ୍ଧ୍ୱ। ରାତି ଦୁଇଟାରେ ଯେଉଁଠି ବୟସ୍କ ବ୍ୟକ୍ତିମାନେ ଗାଢ ନିଦରେ ଶୋଇଥାଆନ୍ତି, ଇୱାମୁରୋ ଡ୍ୟାନ୍ସ କ୍ଲବ୍‌ରେ ବିଟ୍ସକୁ ସ୍ପିନ୍ କରନ୍ତି। ଆଉ ଯୁବପିଢିଙ୍କୁ ବିଟ୍‌ସର ତାଳେ ତାଳେ ଝୁମେଇ ଦିଅନ୍ତି। ହେଲେ ଦିନରେ ସେ ୬୦ ବର୍ଷ ପୂର୍ବେ ତାଙ୍କ ବାପା ତିଆରି କରିଥିବା ରେଷ୍ଟୁରାଣ୍ଟରେ ଗ୍ୟୋଜା ତିଆରି କରନ୍ତି। ଏହା ବ୍ୟତୀତ ସେ ଆହୁରି ଅନେକ ଡିସ୍ ବି ପ୍ରସ୍ତୁତ କରିଥାଆନ୍ତି। ଗ୍ରାହକଙ୍କ ଅର୍ଡର ସବୁକୁ ମନେ ରଖି ସେ ଖାଦ୍ୟ ପ୍ରସ୍ତୁତ କରନ୍ତି। ଖାଦ୍ୟ ଭଲ ନ ହେଲେ ଲୋକେ ଖାଇବାକୁ ଯେମିତି ପସନ୍ଦ କରିବେନି ସେମିତି ଗୀତ ଭଲ ନ ହେଲେ ଲୋକ ବି ଝୁମିବେନି। ଆଉ ଏହି ଦୁଇ କାମକୁ କିଭଳି ପରଫେକ୍ଟ କରିପାରିବେ ଇୱାମୁରୋ ଚେଷ୍ଟା କରନ୍ତି। ୧୯ ବର୍ଷ ପୂର୍ବରୁ ସେ ବାପାଙ୍କ ରେଷ୍ଟୁରାଣ୍ଟରେ ରୋଷେଇ ଆରମ୍ଭ କରିଦେଇଥିଲେ। ହେଲେ ୭୦ ବର୍ଷ ବୟସ ପରେ, ଯେବେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହେଲା ଡିଜେଇଂ ଆରମ୍ଭ କଲେ। ତାଙ୍କର ଜଣେ ବନ୍ଧୁ, ଯାହାଙ୍କ କ୍ଲବରେ ଏବେ ସେ ପରଫର୍ମ କରୁଛନ୍ତି ତାଙ୍କୁ କ୍ଲବ୍ ମ୍ୟୁଜିକ୍ ସଂସ୍ପର୍ଶରେ ଆଣିଲେ। ପରେ ଇୱାମୁରୋ ଏକ ବର୍ଷର ଡିଜେ ତାଲିମ୍ ନେଲେ। ଆଉ ସେ ଏହି କଳାରେ ଏତେ ମାହିର ହୋଇଗଲେ ଯେ, ଏବେ ହଜାର ହଜାର ଦର୍ଶକ ତାଙ୍କ ବିଟ୍‌ସର ତାଳେ ତାଳେ ଝୁମୁଛନ୍ତି। ଜାପାନ, ଏମିତିକି ଫ୍ରାନ୍ସର ବିଭିନ୍ନ କାର୍ଯ୍ୟକ୍ରମରେ ବି ତାଙ୍କୁ ଡକାଯାଉଛି। ଆଗାମୀ ଦିନରେ ସେ ନ୍ୟୁୟର୍କରେ ପରଫର୍ମ କରିବାକୁ ଆଶା ରଖିଛନ୍ତି।

